

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୮ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 08 August 2026

Vol.No. 36 ■ No.207 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ଥାଇଲ୍ୟାଣ୍ଡ ସ୍କୁଲରେ ଛାତ୍ରଙ୍କ ଗୁଳିକାଣ୍ଡ: ଶିକ୍ଷକଙ୍କ ସମେତ ୭ ମୃତ, ୧୫ ଆହତ

ନୂଆଦିଲ୍ଲୀ,୭/୮ : ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକ୍ ଉପକଣ୍ଠ ନୋନ୍ଥାବୁରୀ ଜିଲ୍ଲାର ଦେବସିରିନ୍ ସ୍କୁଲ ରେ ଶୁକ୍ରବାର ସକାଳ ପ୍ରାୟ ୧୦ଟା ସମୟରେ ଜଣେ ଛାତ୍ର ଆକସ୍ମିକ ଭାବେ ଗୁଳିଚାଳନା କରିବାରୁ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମେତ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଥାଇଲ୍ୟାଣ୍ଡ ଶିକ୍ଷାମନ୍ତ୍ରୀ ପ୍ରସେର୍ଟ ଜାନ୍ତା ରୁଆଙ୍ଗଥୋଙ୍ଗ୍ ଏହି ମୃତ୍ୟୁ ସଂଖ୍ୟା ନିଶ୍ଚିତ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗୁଳିକାଣ୍ଡ ପରେ ସନ୍ଦିଗ୍ଧ ବନ୍ଧୁକଧାରୀ ଛାତ୍ରଜଣକ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛି। ଘଟଣାପରେ




ବିଦ୍ୟାଳୟ ପରିସରରେ ଆତଙ୍କ ଖେଳିଯାଇଥିଲା ଏବଂ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ପ୍ରାଣବିକଳରେ ବାହାରକୁ ଦୌଡ଼ି ପଳାଇଥିଲେ। ପ୍ରାଥମିକ ଉଦ୍ଧାରକାରୀ ଦଳ ଓ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଗତ ଫେବୃଆରୀ ମାସରେ ମଧ ସୋଙ୍ଗଖଲା ପ୍ରଦେଶର ଏକ ସ୍କୁଲରେ ୧୮ ବର୍ଷୀୟ ଯୁବକର ଗୁଳିଚାଳନା ଯୋଗୁଁ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିଲା। ଥାଇଲ୍ୟାଣ୍ଡରେ ବେସରକାରୀ ବନ୍ଧୁକ ରଖିବାର ହାର ଅତ୍ୟନ୍ତ ଅଧିକ, ଯେଉଁଠାରେ ପ୍ରାୟ ୧୦ ନିୟୁତ ହାତହତିଆର ସାଧାରଣ ଲୋକଙ୍କ ନିକଟରେ ରହିଛି। କଠୋର ଆଇନ ପ୍ରଣୟନ ପାଇଁ ପୂର୍ବରୁ ପ୍ରତିଶ୍ରୁତି ଦିଆଯାଇଥିଲେ ବି ଏପରି ହିଂସାତ୍ମକ ଘଟଣାରେ ରୋକ୍ ଲାଗିପାରୁ ନାହିଁ।

# ବନ୍ୟା ଦୁର୍ଦ୍ଦଶା ନଯାଉଣୁ ପୁଣି ଫୁଲିଲାଣି ନଦୀ: ପ୍ରବଳ ବର୍ଷା ପରେ ବଢ଼ିଲାଣି ଜଳସ୍ତର

ଭୁବନେଶ୍ୱର, ୦୭/୮ (ନି.ପ୍ର): ବନ୍ୟା ଦୁର୍ଦ୍ଦଶା ନଯାଉଣୁ ପୁଣି ଫୁଲିଲାଣି ନଦୀ। ପ୍ରବଳ ବର୍ଷା ପରେ ବଢ଼ିଲାଣି ଜଳସ୍ତର । ଗତ ବନ୍ୟାରେ ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ଭଦ୍ରକ ଓ ବାଲେଶ୍ୱରକୁ ଘାରିଲାଣି ସାଳନ୍ଦୀ ଓ ଜଳକା ନଦୀରେ ବନ୍ୟା ଭୟ। ଯାହାକୁ ନେଇ ଚିନ୍ତାରେ ଚାଷୀ ଓ ନଇକୂଳିଆବାସୀ। ବନ୍ୟା ଛାଡ଼ିବା ପରେ କିଏ ଘର ସଜାଡୁଥିଲା, କେଉଁଠି ଘାଇ ସଜାଡ଼ିବାକୁ ବାଲିବସ୍ତା ପଡୁଥିଲା। ହେଲେ ପୁଣି ଶଙ୍କା ବଢ଼ାଇଲାଣି ସାଳନ୍ଦୀ । ବଢ଼ିଲାଣି ନଦୀର ଜଳସ୍ତର, ରାଜମୁକୁନ୍ଦପୁର ବ୍ରିଜ ଉପରେ ପୁଣି ଚାଲିଛି ବନ୍ୟା ପାଣି। ଭଦ୍ରକ ଜିଲ୍ଲା ବନ୍ୟା ଦୁର୍ଦ୍ଦଶାରୁ ମୁକୁଳିବା ଆଗରୁ ପୁଣି ଭୟ ବଢ଼ାଇଛି ଆଉ ଏକ ବନ୍ୟା ଆଶଙ୍କା । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ରାଜଘାଟ ନିକଟରେ ସାଳନ୍ଦୀ ନଦୀର ବିପଦ ସଂକେତ ୧୭ ଫୁଟ୍ ଥିବା ବେଳେ ବର୍ତ୍ତମାନ ୧୬.୨୦ ଫୁଟ୍ ଦେଇ ଜଳପ୍ରବାହ ହେଉଛି। ଫଳରେ ଗତ ବନ୍ୟାରେ ସବୁଠୁ ପ୍ରଭାବିତ ଅର୍ଣ୍ଣପାଳ ପଞ୍ଚାୟତର ରାଜମୁକୁନ୍ଦପୁର ବ୍ରିଜ ଉପରେ ୩ ଫୁଟ୍‌ରୁ ଅଧିକ ବନ୍ୟା ପାଣି ପ୍ରବାହିତ ହେଉଛି। ପୋଲ ଅତିକ୍ରମ କରି ଏହି ପାଣି ଆଖପାଖ ଗାଁଗୁଡ଼ିକରେ ପଶୁଥିବାରୁ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଘରଦ୍ୱାର ସଜାଡ଼ିବାକୁ ଚେଷ୍ଟା କରୁଥିବା ବିପନ୍ନମାନେ ଏବେ ପୁଣିଥରେ ଜଳବନ୍ଦୀ ସମସ୍ୟାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଏଣେ ବସ୍ତାରେ ଜଳକା ଫୁଲିବା ଦେଖି ଛାତିରେ ଛନକା । ମଥାନୀ ଠାରେ ବିପଦ ସଙ୍କେତ ୬.୫୦ ମିଟର ରହିଥିବା ବେଳେ ସକାଳ ୮ଟା ସୁଦ୍ଧା ଜଳସ୍ତର ରହିଛି ୬.୫୬ ମିଟର। ଗତ ବନ୍ୟାରେ ତଳି ଅଞ୍ଚଳରୁ ପାଣି ନିଷ୍କାସନ ହୋଇ ନଥିବା ବେଳେ ପୁଣି ଥରେ ବନ୍ୟା ଲୋକଙ୍କୁ ଚିନ୍ତାରେ ପକାଇଛି। ଗତ ୩-୪ ଦିନ ଧରି ବାଲେଶ୍ୱରର ବସ୍ତା ଅଞ୍ଚଳରେ ବର୍ଷା ହୋଇ ନଥିଲେ ମଧ, ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ବଢୁଛି ଜଳକା ନଦୀର ଜଳସ୍ତର। ଜମିରୁ ଏଯାଏଁ ଜଳ ଛାଡ଼ିନଥିବାରୁ ସାଳନ୍ଦୀ ଓ ଜଳକାରେ ବନ୍ୟା ଆସିଲେ ବସ୍ତା ଓ ଭଦ୍ରକବାସୀଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ସ୍ଥିତି ଉପୁଜିପାରେ ।

# ପାଠ୍ୟ ପୁସ୍ତକ ପରେ ଏବେ ବିବାଦରେ ଚାଷୀ ପଞ୍ଜୀକରଣ: ମାଳମାଳ ଇଂରାଜୀ ଶବ୍ଦ, ଜଟିଳ ହେଲାଣି ପଞ୍ଜୀକରଣ ପ୍ରକ୍ରିୟା



ଭୁବନେଶ୍ୱର, ୦୭/୮ (ନି.ପ୍ର): ପୂର୍ବ ବର୍ଷ ତୁଳନାରେ ବିଳମ୍ବରେ ହେଲେ ବି ଖରିଫ୍ ଧାନ ସଂଗ୍ରହ ପାଇଁ ଆରମ୍ଭ ହୋଇଛି ପଞ୍ଜୀକରଣ। ଖରିଫ୍ ଧାନ ବିକିବା ପାଇଁ ୩୧ତାରିଖ ଭିତରେ ନାମ ପଞ୍ଜିକରଣ କରିପାରିବେ ଚାଷୀ। ୧ ନଭେମ୍ବରରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନ କିଣା ହେବ। ସମିତି କାର୍ଯ୍ୟାଳୟ କିମ୍ବା www.foododisha.inରୁ ଫର୍ମ ଡାଉନଲୋଡ୍ କରି ପଞ୍ଜୀକରଣ କରିପାରିବେ। ନୂଆଫର୍ମର ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଧାନ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ। କିନ୍ତୁ ପଞ୍ଜୀକରଣ ପାଇଁ ଆବଶ୍ୟକ କାଗଜପତ୍ରକୁ ନେଇ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ। ଖରିଫ୍ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। କିନ୍ତୁ ସରକାର ପଞ୍ଜୀକରଣ ପ୍ରକ୍ରିୟା ସରଳ ପରିବର୍ତ୍ତେ ଅଧିକ ଜଟିଳ ହୋଇଛି । ପଞ୍ଜୀକରଣ ପାଇଁ ଚାଷୀଙ୍କୁ ଦାଖଲ କରିବାକୁ କୁହାଯାଇଥିବା, ଆବଶ୍ୟକ କାଗଜପତ୍ର, ନିୟମକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଭାଗ ଚାଷୀମାନେ ପଞ୍ଜୀକରଣ ପାଇଁ ଜମି ମାଲିକଙ୍କ ସହମତି ପତ୍ର କେମିତି ଆଣିବେ ? ସେ ନେଇ ଚିନ୍ତାରେ ପଡିଛନ୍ତି। ସେହିପରି କୃଷକ ରେଜିଷ୍ଟ୍ରି ସଂଖ୍ୟା ବା ଆଗ୍ରୀଷ୍ଟେକ୍ ନମ୍ବର ଅଡୁଆ ବଢ଼ାଇଛି। ସ୍ଥିତି ଏମିତି ହୋଇଛି ଧାନ ପଞ୍ଜିକରଣ ପାଇଁ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିକୁ ବୁଝିବା ପାଇଁ ଚାଷୀଙ୍କୁ ପୁଣି ପାଠପଢ଼ିବାକୁ ପଡ଼ିବ। ଧାନ ବିକ୍ରି କରିବାକୁ ଚାଷୀ ବାରମ୍ବାର ଅସୁବିଧାର ସମ୍ମୁଖୀନ ହେଉଥିଲେ ବି ସରକାରଙ୍କ ଚେତା ପଶୁନି। ଖରିଫରେ ଯାହା ହୋଇଥିଲା ରବି ଋତୁରେ ବି ସମାନ ଚିତ୍ର ଦେଖିବାକୁ ମିଳିଥିଲା। ପଞ୍ଜିକରଣ ଆରମ୍ଭରୁ କାଗଜପତ୍ର ଦାଖଲ କରିନପାରି ଅସୁବିଧାରେ ପଡିଥିଲା। ତାପରେ ଟୋକନ ସମସ୍ୟା ଯୋଗୁଁ ଧାନ ବିକ୍ରି କରିବାକୁ ନୟାନ୍ତ ହୋଇଥିଲେ ହଜାର ହଜାର ଚାଷୀ। ଏତେ ପରେ ବି ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ, ସମବାୟ ବିଭାଗ ଓ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମଧ୍ୟରେ ସାମାନ୍ୟ ସମନ୍ୱୟ ରହୁନାହିଁ। ଯାହାଫଳରେ ଧାନ ବିକ୍ରି, ସାର ପାଇଁ ବାରମ୍ବାର ଧନ୍ଦି ହେଉଛନ୍ତି ଚାଷୀ। ଯାହାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ତେବେ ଯାହା ଅସୁବିଧା ଅଛି ସବୁ ସୁବିଧା କରାଯିବ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ। କୃଷକ ରେଜିଷ୍ଟ୍ରି ସଂଖ୍ୟା ପାଇଁ ଅଧିକାଂଶ ଚାଷୀଙ୍କୁ ପଟ୍ଟା ସଂଶୋଧନ କରିବାକୁ ପଡ଼ିବ। ଯାହାଫଳରେ ଏଥର ଖରିଫରେ ଚାଷୀ ଟୋକନରେ ଧାନ ବିକ୍ରି କରିପାରିବେ ନା ନାହିଁ ସନ୍ଦେହ।

# ପୁଞ୍ଜି ଗୋଟାଇବାକୁ ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ: ପ୍ରଥମ ଦିନରେ ନିବେଶକଙ୍କ ଭିଡ଼

ଭୁବନେଶ୍ୱର, ୦୭/୮ (ନି.ପ୍ର): ସାରା ଦେଶର ନିବେଶକ ଜାଣିଲେ ଓଡ଼ିଶାରେ କିଭଳି ଲୁଚିରହିଛି ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶର ସୁବର୍ଣ୍ଣ ସୁଯୋଗ । ନୂଆଦିଲ୍ଲୀରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସଫଳତାର ସହ ଆୟୋଜିତ ହୋଇଛି ଓଡ଼ିଶା ଫୁଡ୍ ପ୍ରୋ-୨୦୨୬। ଏହି ଅବସରରେ ୨୨ଟି ଶିଳ୍ପସଂସ୍ଥା ସହ ୩୧ ହଜାର କୋଟିରୁ ଅଧିକ ଟଙ୍କାର ନିବେଶ ପାଇଁ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ପୂର୍ବ ଭାରତରେ ନିବେଶର ସବୁଠୁ ପସନ୍ଦର ଆଧାର ବନିବାକୁ ଚାହେଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଓଡ଼ିଶାରେ ଖାଦ୍ୟ



ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶ ବୃଦ୍ଧି ପାଇଁ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ହୋଇଛି ଓଡ଼ିଶା ଫୁଡ୍ ପ୍ରୋ ୨୦୨୬ । ଯୋଗ ଦେଇଥିଲେ ଶତାଧିକ କମ୍ପାନୀ, ଓଡ଼ିଶା ଓ ଅନ୍ୟ ରାଜ୍ୟର ଉଦ୍ୟୋଗୀଙ୍କ ସମେତ ୩ଶହରୁ ଅଧିକ ପ୍ରତିନିଧି । ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶ ପାଇଁ ଓଡ଼ିଶାରେ କିଭଳି ବିପୁଳ ସୁଯୋଗ ରହିଛି, ସେଦିଗରେ ଆଲୋକପାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁଗର୍ଗ ପ୍ରମୁଖ । ମଞ୍ଚରେ ଏକ ନଲେଜ୍ ରିପୋର୍ଟ ମଧ ଉନ୍ମୋଚିତ ହୋଇଛି । ତେବେ ଏହି ବିରାଟ ଆୟୋଜନ ଅବସରରେ, ୨୨ଟି କମ୍ପାନି ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ରାଜ୍ୟ ସରକାର ।

◆◆ପୃଷ୍ଠା ୭

# ସକ୍ରିୟ ଘୂର୍ଣ୍ଣିବଳୟ ଯୋଗୁ ରାଜ୍ୟରେ ୫ଦିନ ବର୍ଷା: ଆଇଏମଡି ପକ୍ଷରୁ ଅରେଂଜ ଆଲର୍ଟ ଜାରି

ଭୁବନେଶ୍ୱର, ୦୭/୮ (ନି.ପ୍ର): ଆଗାମୀ ୫ ଦିନ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର ଦିନ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ବଜ୍ରପାତ ଏବଂ ପବନ ସହିତ ହାଲୁକା ରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି। ଆଇଏମଡି କେତେକ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି ଯେଉଁଠାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

◆◆ପୃଷ୍ଠା ୭

# ଇନ୍ସ୍ୟୁରାନ୍ସ ନାହିଁ ତ ପେଟ୍ରୋଲ୍ ନାହିଁ: ଓଡ଼ିଶାରେ ଲାଗୁ ହେବ କଡ଼ା ନିୟମ

ଭୁବନେଶ୍ୱର, ୦୭/୮ (ନି.ପ୍ର): ଓଡ଼ିଶାର ରାଜପଥରେ ଏବେ ଏକ ନୂଆ ଚର୍ଚ୍ଚା ଜୋର ଧରିଛି । ଯଦି ଆପଣଙ୍କ ଗାଡ଼ିର ଇନ୍ସ୍ୟୁରାନ୍ସ ବା ବୀମା ନାହିଁ, ତେବେ ହୁଏତ ଆଗକୁ ଆପଣଙ୍କ ଗାଡ଼ିରେ ପେଟ୍ରୋଲ ପଡ଼ିନପାରେ । ସୁପ୍ରିମକୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପରେ ରାଜ୍ୟ ପରିବହନ ବିଭାଗ ଏବେ



'ନୋ ଇନ୍ସ୍ୟୁରାନ୍ସ, ନୋ ପେଟ୍ରୋଲ' ନିୟମ ଉପରେ ଗମ୍ଭୀରତାର ସହ ବିଚାର କରୁଛି । ପରିବହନ ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଖୁବଶୀଘ୍ର ଏହି ନିୟମକୁ କଡ଼ାକଡ଼ି କାର୍ଯ୍ୟକାରୀ କରାଯାଇପାରେ। ସରକାରୀ ତଥ୍ୟ ଅନୁସାରେ, ଓଡ଼ିଶାରେ ପ୍ରାୟ ୯୭ ଲକ୍ଷ ଗାଡ଼ି ପଞ୍ଜିକୃତ ହୋଇଛି। କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏଥିମଧ୍ୟରୁ ଏକ ବଡ଼ ସଂଖ୍ୟକ ଗାଡ଼ିର ବୈଧ ଇନ୍ସୁରାନ୍ସ ନାହିଁ । ବିଶେଷ କରି 'ଥାର୍ଡ ପାର୍ଟି ଇନ୍ସୁରାନ୍ସ' ବା ତୃତୀୟ ପକ୍ଷ ବୀମାକୁ ନେଇ ସୁପ୍ରିମକୋର୍ଟ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି ।

◆◆ପୃଷ୍ଠା ୭

# ବହୁଚର୍ଚ୍ଚିତ ବୋଫୋର୍ସ ଦୁର୍ନୀତି ମାମଲାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ: ମାମଲାକୁ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୭/୮ : ସମ୍ବେଦନଶୀଳ ବୋଫର୍ସ ମାମଲାରେ ହିନ୍ଦୁଜା ଭାଇ ଓ ସ୍ୱିଡିସ୍ ଅସ୍ତ୍ରଶସ୍ତ୍ର ନିର୍ମାତା ଏ.ବି ବୋଫର୍ସଙ୍କ ବିରୋଧରେ ସମସ୍ତ ଫୌଜଦାରି କାର୍ଯ୍ୟାନୁଷ୍ଠାନକୁ ଦିଲ୍ଲୀ ହାଇକୋର୍ଟ ୨୦୦୫ରେ ରଦ୍ଦ କରିଥିଲେ। ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରାଯାଇଥିବା ଆବେଦନ ସୁପ୍ରିମକୋର୍ଟରେ ଖାରଜ ହୋଇଛି। ବିଚାରପତି ଜେ.ବି ପାରଦିୱାଲା ଓ ବିଚାରପତି କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଆଡଭୋକେଟ ଅଜୟ କେ. ଅଗ୍ରୱାଲଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଯାହା ଫଳରେ ଦଶନ୍ଧି ପୁରୁଣା ମାମଲାର ପ୍ରକ୍ରିୟା ପୁନର୍ଜୀବିତ



କରିବାର ଆଉ ଏକ ପ୍ରୟାସକୁ ପ୍ରଭାବଶାଳୀ ଭାବରେ ବନ୍ଦ କରିଦେଇଛି। ଶୁଣାଣି ସମୟରେ ଆଡଭୋକେଟ ଅଗ୍ରୱାଲ ଶ୍ରୀଚନ୍ଦ ପି ହିନ୍ଦୁଜା ଓ ଗୋପୀଚାନ୍ଦ ପି ହିନ୍ଦୁଜାଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ନାଁ ଆବେଦନରୁ ହଟାଇବା ପାଇଁ ଚାରି ସପ୍ତାହ ସମୟ ମାଗିଥିଲେ। କିନ୍ତୁ ଖଣ୍ଡପୀଠ ସମୟ ଦେବାକୁ ମନା କରି ଦେଇଥିଲେ। ମାମଲା ଜାରି ରଖିବାର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇ ଜଷ୍ଟିସ୍ ପାରଦିୱାଲା ପଚାରିଥିଲେ ଯେ, ଦିଲ୍ଲୀ ହାଇକୋର୍ଟ ୨୦୦୫ ମସିହାରେ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିସାରିଛନ୍ତି ଓ ସେହି ରାୟକୁ ସିବିଆଇ ଚ୍ୟାଲେଞ୍ଜ କରି ମଧ ବିଫଳ ହୋଇଛି। ଆଉ କ'ଣ ନିଷ୍ପତ୍ତି ନେବାକୁ ବାକି ରହିଲା ଦିଲ୍ଲୀ ହାଇକୋର୍ଟ । ୨୦୦୫ ମେ ୩୧ ରେ ଦେଇଥିବା ରାୟରେ ଏ.ବି ବୋଫର୍ସ ସହିତ ଶ୍ରୀଚାନ୍ଦ, ଗୋପୀଚାନ୍ଦ ଓ ପ୍ରକାଶ ହିନ୍ଦୁଜାଙ୍କୁ ସମସ୍ତ ଆପରାଧିକ ଅଭିଯୋଗରୁ ମୁକ୍ତ କରିଥିଲେ। ହାଇକୋର୍ଟ ଉଲ୍ଲେଖ କରିଥିଲେ ଯେ ସ୍ୱିଡିସ୍ କର୍ତ୍ତୃପକ୍ଷଙ୍କଠାରୁ ସିବିଆଇ ପାଇଥିବା ଦଲିଲ ମୂଳ ରେକର୍ଡ କିମ୍ବା ପ୍ରମାଣିତ କପି ନୁହେଁ।

◆◆ପୃଷ୍ଠା ୭

# ତୁର୍କୀ-ପାକିସ୍ତାନ-ସାଉଦି ମଧ୍ୟରେ ମିଳିତ ସାମରିକ ଚୁକ୍ତି

## ଜଣଙ୍କ ଉପରେ ଆକ୍ରମଣ ହେଲେ ଧରାଯିବ ସମସ୍ତଙ୍କ ଉପରେ ଆକ୍ରମଣ



ନୂଆଦିଲ୍ଲୀ,୭/୮ : ବିଶ୍ୱ ରାଜନୀତି ଓ ପ୍ରତିରକ୍ଷା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି । ପାକିସ୍ତାନ, ସାଉଦି ଆରବ ଏବଂ ତୁର୍କୀ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ତ୍ରିପାକ୍ଷିକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତିର ସବୁଠାରୁ ବଡ଼ ସର୍ତ୍ତ ହେଉଛି, ଜଣଙ୍କ ଉପରେ ଆକ୍ରମଣ ହେଲେ, ତାହାକୁ ସମସ୍ତଙ୍କ ଉପରେ ଆକ୍ରମଣ ବୋଲି ଗ୍ରହଣ କରାଯିବ। ଏହି ସାମରିକ ମେଣ୍ଟକୁ ନାଟୋର 'ଧାରା ୫' ଭଳି ଏକ ସାମୂହିକ ସୁରକ୍ଷା ଚୁକ୍ତି ଭାବେ ଦେଖାଯାଉଛି। ଯଦି କୌଣସି ବାହ୍ୟ ଶକ୍ତି ଏହି ତିନି ଦେଶ ମଧ୍ୟରୁ କୌଣସି ଗୋଟିଏ ଦେଶ ଉପରେ ସାମରିକ ଆକ୍ରମଣ କରେ, ତେବେ ଅନ୍ୟ ଦୁଇ

◆◆ପୃଷ୍ଠା ୭

# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବାଲେଶ୍ୱର ତରଫରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା




ବାଲେଶ୍ୱର,୭/୦୮ (ନି.ପ୍ର): ଶୁକ୍ରବାର ଓଡ଼ିଶା ସ୍କୁଲ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ଧାରଣା ଓ ପ୍ରତିବାଦ ସଭା ଜିଲ୍ଲା ଓଷ୍ଟାର ସଂପାଦକ ତଥା ଆବାହକ ବିଜୟ କୁମାର ପାତ୍ରଙ୍କ ଆହ୍ୱାନରେ ଓଷ୍ଟା ଜିଲ୍ଲା ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଆଜି ସମଗ୍ର ଓଡ଼ିଶାରେ ଚାରିଦଫା ଦାବି ନେଇ ପ୍ରତି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯାଇଛି । ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପ୍ରଦାନ ଓ ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରୁ ଅବସର ଗ୍ରହଣ ନେଇଥିବା ଓ ଅବସର ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ନିଯୁକ୍ତି ସହିତ ସରକାରୀକରଣ, ଅବସର ବୟସସୀମା ୬୦ରୁ ୬୨ବର୍ଷକୁ ବୃଦ୍ଧି ଓ ଗ୍ରେଡ ପେ ଥିବା ଅସଙ୍ଗତି ଦୂରୀକରଣ ଏବଂ ପୁରାତନ ପେନସନର ପୁନଃ ପ୍ରଚଳନ ଓ ଚୁକ୍ତି ଭିତ୍ତିକ ଶିକ୍ଷକ ମାନଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ପ୍ରମୁଖ ଦାବି ଗୁଡ଼ିକ ନେଇ ପ୍ରତିବାଦ ସଭା ଓ ଧାରଣା ଦିଆଯାଇଥିଲା । ପ୍ରଥମେ ଓଷ୍ଟାର ରାଜ୍ୟସଭାପତି ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର ଶିକ୍ଷକ ଓ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ । ତତ୍ପରେ ପ୍ରାକ୍ତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପ୍ରାକ୍ତନ ବିଧାୟକ ନିଳଗିରି ସୁକାନ୍ତ ନାୟକ, ପ୍ରାକ୍ତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏବଂ ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା ପ୍ରମୁଖ ଶିକ୍ଷକମାନଙ୍କର ଦାବି ଯଥାର୍ଥ ଏବଂ ଖୁବ ଶୀଘ୍ର ସରକାର ଦାବିପୂରଣ କରିବା ପାଇଁ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସି.ପି.ଆଇର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ଟ୍ରେଡ ୟୁନିଅନର ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ସିପିଏମ ନେତା ଶିଶିର ହୁଇ, ସିପିଆଇର ପ୍ରାକ୍ତନ ଜିଲ୍ଲା ସଂପାଦକ ତୀବ୍ର ସମାଲୋଚନା କରିବା ସହିତ ଆନ୍ଦୋଳନକୁ ଆହୁରି ଜୋରଦାର କରିବା ପାଇଁ ପରାମର୍ଶ ଦେଇଥିଲେ । ଶିକ୍ଷକ ସଂଗଠନ ତରଫରୁ ପରେଶ ଚନ୍ଦ୍ର କାମିଳା, ମୁକ୍ତିକାନ୍ତ ମିଶ୍ର, ନିରଞ୍ଜନ ଦାସ, ଜଗବନ୍ଧୁ ପଣ୍ଡା, ସୁଶାନ୍ତ କୁମାର ଦାସ, ବିଜୟାନନ୍ଦ ପଟ୍ଟନାୟକ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ତଥା ଗାଳ୍ପିକ ଅଞ୍ଜନ କୁମାର ଚାନ୍ଦ, ପ୍ରମୋଦ କୁମାର ସାହୁ, ରଶ୍ମିରଞ୍ଜନ ଶତପଥୀ, ଅତନୁ କୁମାର ପ୍ରଧାନ, ନବକିଶୋର ବାରିକ ତଥା ସମସ୍ତ ସାମିଲ ସଂଗଠନର ବ୍ଲକ ସଂପାଦକମାନେ ସହଯୋଗ କରିବା ସହିତ ଜିଲ୍ଲା ଓଷ୍ଟାର ଉପସଭାନେତ୍ରୀ ପ୍ରତିଭାରାଣୀ ଚାନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ । ଜିଲ୍ଲା ଆବାହକ ବିଜୟ କୁମାର ପାତ୍ର ଅଗଷ୍ଟ ୧୬ରେ ଭୁବନେଶ୍ୱର ଠାରେ ହେବାକୁ ଥିବା ବିଶାଳ ସମାବେଶରେ ଯୋଗଦାନ କରିବା ପାଇଁ ନିବେଦନ କରିଥିଲେ । ଶେଷରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଶ୍ରୀମଦ୍ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ




ବାରିପଦା,୭/୦୮ (ନି.ପ୍ର): ମୟୂରଭଞ୍ଜର ଏକ ଅଗ୍ରଣୀ ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ ଶ୍ରୀମଦ୍ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା ସ୍ଥାନୀୟ ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସଭା କକ୍ଷରେ ସଂଘର ପ୍ରତିଷ୍ଠାତା ସଭାପତି ଡାକ୍ତର ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବାଚକ ଭାଗବତ ପଣ୍ଡା ଭଗବଦ୍ ଗୀତା ପାଠର ଉପାଦେୟତା ସମ୍ପର୍କରେ ଉଲ୍ଲେଖ କରି ଗୀତା ହିଁ ମାନବ ଜୀବନର ଏକ ମାତ୍ର ଆଧାର ଯାହାକୁ ପାଥେୟ କରି ଜଣେ ମଣିଷ କିପରି ଜଣେ ଭଲ ମଣିଷ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହିତ ପ୍ରତିଯୋଗିତା ସମ୍ପର୍କରେ ନିୟମାବଳୀ ପ୍ରକାଶ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମର ଏକଦଶ ଶ୍ରେଣୀ ଛାତ୍ରୀ ଅଞ୍ଜଳିକା ଦାଶ - ପ୍ରଥମ, ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ରୀ ହରିପ୍ରିୟା ମାହାର୍ଣ୍ଣା - ଦ୍ୱିତୀୟ, ବି.ସି.ସି. ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଏକାଦଶ ଶ୍ରେଣୀ ଛାତ୍ରୀ - ଗୀତାଞ୍ଜଳୀ ଧର ମହାପାତ୍ର -ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କନିଷ୍ଠ ବିଭାଗରେ ସାଇ ଆଦର୍ଶ ବିଦ୍ୟାମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ତେଜସ୍ୱିନୀ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ନନ୍ଦିନୀ କର୍ମକାର ଦ୍ୱିତୀୟ ଓ ଶୁଭଶ୍ରୀ ଆବାସିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସ୍ନେହାଶିନୀ ବେହେରା ତୃତୀୟସ୍ଥାନ ଅଧିକାର କରି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ଡାକ୍ତର ପାର୍ଥ ସାରଥୀ ଜେନା ଓ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସଂକର୍ଷଣ ତ୍ରିପାଠୀ ବିଚାରକ ଭାବେ ଯୋଗ ଦେଇ ପ୍ରତିଭାମାନଙ୍କର ମୂଲ୍ୟାୟନ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରତିଭା ପ୍ରମାଣ ପତ୍ର ସଂଘ ତରଫରୁ ପ୍ରଦାନ କରାଯାଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ଆଗାମୀ ଅଗଷ୍ଟ ୧୫ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପୁରସ୍କାର ବିତରଣୀ ଉତ୍ସବରେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯିବ । ପରିଶେଷରେ ସଂଘର ସମ୍ପାଦକ ଭାଗବତ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୀଳଗିରି ବଉଳଗଡ଼ିଆ ରାସ୍ତା ପାଲଟିଛି ମରଣଯନ୍ତା ପ୍ରତିବାଦରେ ସିପିଆଇ (ଏମ୍) ପକ୍ଷରୁ ଆମରଣ ଅନଶନ




ନୀଳଗିରି,୭/୦୮ (ନି.ପ୍ର): ନିଳଗିରି ଠାରୁ ବଉଳଗଡ଼ିଆ ରାସ୍ତା ଆଜକୁ ଦୀର୍ଘଦିନ ଧରି ମରଣଯନ୍ତା ପାଲଟିଥିବା ବେଳେ ଏନେଇ ୨୫ଥରରୁ ଉର୍ଦ୍ଧ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରତିବାଦ, ରାସ୍ତାରୋକ କରାଯାଇଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଚାଲିଥିବା ବେଳେ ନିଳଗିରିବାସୀଙ୍କୁ ଭକୁଆ ବନାଇ ଚାଲିଛନ୍ତି। ପ୍ରତିଶ୍ରୁତି କେବଳ ପାଣିର ଗାର। ଶେଷରେ ସି ପି ଆଇ (ଏମ୍) ଦଳ ପକ୍ଷରୁ ଶୁକ୍ରବାର ଦିନ ନିଳଗିରି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ମୁଖ୍ୟତଃ ତିନୋଟି ଦାବୀ ନେଇ ଆମରଣ ଅନଶନରେ ବସିଥିବା ବେଳେ ନିଳଗିରି ବଉଳ ଗଡ଼ିଆ ରାସ୍ତା ଯଥାଶୀଘ୍ର କରାଯାଉ, ଉକ୍ତ ରାସ୍ତାରେ ଚଳା ଚଳ କରୁଥିବା ବସ ଗୁଡ଼ିକୁ ଯଥାଶୀଘ୍ର ଚଳା ଚଳ କରାଯାଉ, ଉକ୍ତ ରାସ୍ତାରେ ଭାରି ଯାନ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଉ ବୋଲି ଦାବୀ ରଖିଛନ୍ତି। ଏହି ଆମରଣ ଅନଶନ ସ୍ଥଳରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ରଙ୍କ ନେତୃତ୍ୱରେ ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ଲକ୍ଷ୍ମୀ ଧର ସାହୁ ଆମରଣ ଅନଶନରେ ବସିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଞ୍ଚଳିକ କମିଟିର ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଯୋଗାନନ୍ଦ ଦାଶ, ପ୍ରଦୀପ୍ତ ମିଶ୍ର, ଗିରିଧାରୀ ପ୍ରଧାନ, କାଳିଆ ପାତ୍ର, ଉମାକାନ୍ତ ଷଡଙ୍ଗୀ, ସତ୍ୟଜିତ୍ ଦାସ, ଗଜେନ୍ଦ୍ର ସିଂ, ରାଜ୍ୟ କମିଟି ସଦସ୍ୟ ସୀତାଂଶୁ ସେନାପତି ସହଯୋଗ କରିଥିଲେ। ପାଠ ଲେଖିବା ବେଳକୁ କୌଣସି ଅଧିକାରି ଆସି ନ ଥିବାର ଦେଖିବାକୁ ମିଳିଛି।

# ଚାଷୀ ପଞ୍ଜୀକରଣ ତାଲିମ୍ କାର୍ଯ୍ୟକ୍ରମ

ଜୟପୁର,୭/୦୮ (ନି.ପ୍ର): କୋରାପୁଟର ସଦଭାବନା ସଭାଗୃହରେ କୋରାପୁଟ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଚାଷୀ ପଞ୍ଜୀକରଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଧାନମନ୍ତ୍ରୀ-କିଷାନ, ମୁଖ୍ୟମନ୍ତ୍ରୀ-କିଷାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ଅନ୍ୟାନ୍ୟ ରାଜ୍ୟ କୃଷି ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ଭଳି ବିଭିନ୍ନ ସରକାରୀ ଯୋଜନା ଅଧୀନରେ ଯୋଗ୍ୟ ଚାଷୀମାନେ ଯେପରି ଲାଭ ପାଇପାରିବେ ତାହା ନିଶ୍ଚିତ କରିବା ପାଇଁ ସଠିକ୍ ଚାଷୀ ପଞ୍ଜୀକରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଧିବେଶନ ସମୟରେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ରବି ଋତୁ ୨୦୨୫-୨୬ ପାଇଁ ଏକ ଜିଲ୍ଲାସ୍ତରୀୟ କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଫସଲ ବୀମା କଭରେଜ, ଦାବି ସମାଧାନ ପ୍ରକ୍ରିୟା, ଖରିଫ ୨୦୨୬ ପାଇଁ ଫସଲ କ୍ଷତି ବିରୁଦ୍ଧରେ ଆର୍ଥିକ ସୁରକ୍ଷା ପାଇଁ ଚାଷୀ ପଞ୍ଜୀକରଣ ବୃଦ୍ଧି ଏବଂ ରବି ୨୦୨୫-୨୬ ପାଇଁ ଧାନ ଫସଲ କଟା ପରୀକ୍ଷଣ ଅମଳ ତଥ୍ୟ ପତ୍ରର ଅନୁମୋଦନ ଉପରେ ଆଲୋଚନା ହୋଇଥିଲା। ୧୫ ଅଗଷ୍ଟ ୨୦୨୬ ରୁ ଆରମ୍ଭ ହେବାକୁ ଥିବା ଡିଜିଟାଲ୍ ଫସଲ ସର୍ଭେ ପାଇଁ ଏକ ପ୍ରସ୍ତୁତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ରାଜସ୍ୱ), ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଉନ୍ନୟନ ବିଭାଗ,ସମବାୟ ସମିତିର ଉପ-ନିବନ୍ଧକ, ସହକାରୀ ନିର୍ଦ୍ଦେଶକ ପରିସଂଖ୍ୟାନ, ଜୟପୁର ଏବଂ ନାରାୟଣପାଟଣାର କୃଷି ଜିଲ୍ଲା ଅଧିକାରୀମାନଙ୍କ ସହିତ ଅତିରିକ୍ତ ତହସିଲଦାର ଏବଂ ବ୍ଲକ କୃଷି/ ସହାୟକ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ। ପରି ଶେଷରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ : ମାତୃ ସ୍ତନ୍ୟପାନ ଓ ସାପକାମୁଡ଼ା ସଚେତନତା ଉପରେ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର ,୭/୦୮ (ନି.ପ୍ର): ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସହ ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାମାଜିକ କାର୍ଯ୍ୟ ବିଭାଗ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମ ମଛୁଆ, ମର୍ଦ୍ଦରାଜପୁର ଓ ମଖାପଦାର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମାତୃ ସ୍ତନ୍ୟପାନର ଉପକାରିତା, ଶିଶୁର ସୁସ୍ଥ ବିକାଶରେ ଏହାର ଭୂମିକା ଏବଂ ବର୍ଷା ଋତୁରେ ସାପକାମୁଡ଼ା ପ୍ରତି ସତର୍କତା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଆଲୋଚନା ଚକ୍ରରେ ନବଜାତ ଶିଶୁକୁ ଜନ୍ମ ପରେ ତୁରନ୍ତ ମାଆର କ୍ଷୀର ପାନ କରାଇବା, ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ମାତ୍ର ସ୍ତନ୍ୟପାନ କରାଇବା ଏବଂ ଏହା ମାଧ୍ୟମରେ ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ପୁଷ୍ଟି ସୁନିଶ୍ଚିତ ହେବା ସହ ମାଆର ସ୍ୱାସ୍ଥ୍ୟ ସୁରକ୍ଷା ହୋଇଥାଏ ବୋଲି ବିସ୍ତୃତ ଭାବେ ବୁଝାଇ ଦିଆଯାଇଥିଲା। ସେହିପରି ସାପକାମୁଡ଼ା ଘଟିଲେ ଅନ୍ଧବିଶ୍ୱାସର ଆଶ୍ରୟ ନନେଇ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସା ଗ୍ରହଣ କରିବା, ପ୍ରାଥମିକ ସତର୍କତା ଅବଲମ୍ବନ କରିବା ଏବଂ ସାପକାମୁଡ଼ାକୁ ଅବହେଳା ନ କରିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ସହାୟିକା, ଆଶାକର୍ମୀ ଓ ସ୍ଥାନୀୟ ମହିଳାମାନେ ଉତ୍ସାହର ସହ ଯୋଗଦେଇ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବିଷୟରେ ମତ ବିନିମୟ କରିଥିଲେ। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଁ ଏଭଳି କାର୍ଯ୍ୟକ୍ରମ ଅତ୍ୟନ୍ତ ଉପଯୋଗୀ ବୋଲି ମତ ପ୍ରକାଶ ପାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ଏବଂ କୁଳସଚିବ ଶ୍ରୀମତୀ କୁକୁମୀନା ଦାସଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା।

ସାମାଜିକ କାର୍ଯ୍ୟ ବିଭାଗର ସଂଯୋଜକ ଡକ୍ଟର ଗ୍ରେସ ବାହାଲେନ ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଏବଂ ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତ ଓ ସୁପ୍ରିୟା ରାଉତଙ୍କ ସକ୍ରିୟ ସହଯୋଗରେ ବିଭାଗର ଦଶରୁ ଅଧିକ ଛାତ୍ରଛାତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିଥିଲେ।

ସାମାଜିକ ଦାୟିତ୍ୱବୋଧ ଏବଂ ସମୁଦାୟ ସେବାର ମନୋଭାବ ସହ ଏଭଳି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଆ ଚଳଚ୍ଚିତ୍ର 'ଅଭିସାର, ଏକ ପ୍ରେମ କାହାଣୀର ଅଡିଓ ରିଲିଜ୍, ସେପ୍ଟେମ୍ବରରେ ମୁକ୍ତିଲାଭ

## ସାରା ଭାରତରେ ପ୍ରଥମଥର ପାଇଁ ଜଣେ କିନ୍ନର ନାୟିକାଙ୍କୁ ନେଇ ନିର୍ମାଣ ହୋଇଛି ଚଳଚ୍ଚିତ୍ର




ଭୁବନେଶ୍ୱର,୭/୦୮ (ନି.ପ୍ର): ଫ୍ୟୁଜନ ଏଣ୍ଟରଟେନମେଣ୍ଟ ବ୍ୟାନର ଦ୍ୱାରା ନିର୍ମାଣ ହୋଇଛି ଏକ ଭିନ୍ନ ଧରଣର ମୌଳିକ କାହାଣୀର ଚଳଚ୍ଚିତ୍ର 'ଅଭିସାର, ଏକ ପ୍ରେମ କାହାଣୀ' । ପୂର୍ବରୁ ଏହାର ପୋଷ୍ଟର ଉନ୍ମୋଚନ ହୋଇଥିଲା ଯାହାକୁ ଦର୍ଶକ ଅନେକ ଭଲ ପାଇବା ଦେଇଛନ୍ତି । ଏବେ ଏହାର ଅଡିଓ ମୁକ୍ତିଲାଭ ହୋଇଛି । ସେହି ଅବସରରେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ସୁର ରାଉତରାୟ, ଏକାମ୍ର ବିଧାୟକ ବାବୁ ସିଂ, ସମାଜସେବୀ ମନ୍ମଥ ରାଉତରାୟ, ସାହିତ୍ୟିକ ଗୌରହରି ଦାସ, ସିନେମା ପ୍ରଯୋଜକ ସଚ୍ଚିକାନ୍ତ ଜେନା, ମୀରା ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ତାଙ୍କ ସହିତ ସିନେମାର ନିର୍ଦ୍ଦେଶକ ରଞ୍ଜିତ ମହାନ୍ତି, ପ୍ରଯୋଜକ ବିଜୟ କେତନ ମିଶ୍ର, ଲକ୍ଷ୍ମୀପ୍ରିୟା ମହାନ୍ତି, ନାୟିକା ଭୂମି, ନାୟକ ରୁଦ୍ର, ସଙ୍ଗୀତ ନିର୍ଦ୍ଦେଶକ ବିଭୁତି ଗଡ଼ନାୟକ, ଡିଓପି ପ୍ରସନ୍ନ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ଚଳଚ୍ଚିତ୍ରର କାହାଣୀ ଶ୍ରୀମତୀ ସଂଘମିତ୍ରା ଭଞ୍ଜ ଲେଖିଥିବା ବେଳେ ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ରଞ୍ଜିତ ମହାନ୍ତି । ଚିତ୍ରତ୍ତୋଳନରେ ପ୍ରସନ୍ନ କୁମାର ଏବଂ ସମ୍ପାଦନା ଦାୟିତ୍ୱରେ ରହିଛନ୍ତି ଚନ୍ଦ୍ରଶେଖର ମିଶ୍ର । ଚଳଚ୍ଚିତ୍ରର ଏକ ପ୍ରମୁଖ ବିଭାଗ ସଙ୍ଗୀତ ଦାୟିତ୍ୱରେ ଅଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବିଭୁତି ଭୂଷଣ ଗଡ଼ନାୟକ । ଏହାର ମୁଖ୍ୟ ଉପଦେଷ୍ଟା ଶ୍ରୀଯୁକ୍ତ ସନ୍ଦୀପ ମହାପାତ୍ର ଏବଂ ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ରହିଛନ୍ତି। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ଅଛନ୍ତି । ମୁଖ୍ୟ ଚରିତ୍ରରେ ମୀରା ପରିଡା, ନବାଗତ ଅଭିନେତା ରୁଦ୍ର ପ୍ରତାପ ମହାନ୍ତି ଏବଂ ଅଭିନେତ୍ରୀ ଭୂମି ରହିଛନ୍ତି। ମୁଖ୍ୟ ଅଭିନେତ୍ରୀ ଭୂମିକାରେ ଥିବା ଭୂମି ଜଣେ କିନ୍ନର । ଜଣେ କିନ୍ନରଙ୍କୁ ନେଇ ସାରା ଭାରତ ସ୍ତରରେ ମୁଖ୍ୟ ଅଭିନେତ୍ରୀ ଚରିତ୍ରରେ ନେଇ ସିନେମା ନିର୍ମାଣ କରିବା ପ୍ରଥମ । ଯାହା ଫ୍ୟୁଜନ ଏଣ୍ଟରନମେଣ୍ଟ ର ଏକ ଦୁଃସାହସିକ ପଦକ୍ଷେପ । ତାଙ୍କ ସହିତ ସହ କଳାକାର ଭାବେ ଆର୍ଯ୍ୟ ମହାନ୍ତି, ଶିବାଜୀ ରାଜା ପ୍ରମୁଖ ଅଭିନୟ କରିଛନ୍ତି । ଆମ ସମାଜରେ ଏମିତି କିଛି ମୌଳିକ ହୃଦୟସ୍ପର୍ଶୀ କଥା ଅଛି ଯାହାର ପ୍ରତିଟି ପୃଷ୍ଠା ଲେଉଟାଇଲେ ତାହା କାହାଣୀ ର ରୂପ ନିଏ । ଆଉ ତାକୁ ଜୀବନ୍ତ ରୂପ ଦେବାକୁ ଚାହିଁଲେ କାହିଁକି କେଜାଣି ପାଦ ପଛଘୁଞ୍ଚା ଦିଏ । ହେଲେ ଫ୍ୟୁଜନ ଏଣ୍ଟରଟେନମେଣ୍ଟ ପଛଘୁଞ୍ଚା ନୁହେଁ, ଆଗକୁ ଆଗକୁ ପାଦ ବଢ଼ାଇ ସମାଜରେ ଘଟୁଥିବା ନିତିଦିନିଆ କାହାଣୀକୁ ଚଳଚ୍ଚିତ୍ର ର ରୂପ ଦେଇ ପ୍ରତିଟି ଦର୍ଶକ ଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ ଜାରି ରଖିଛି । ଚଳଚ୍ଚିତ୍ରର କାହାଣୀ ଚିରାଚରିତ କାହାଣୀଠୁ ଅଲଗା ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରଥମ ବୋଲି ନିର୍ଦ୍ଦେଶକ ରଞ୍ଜିତ ମହାନ୍ତି ମତ ପ୍ରକାଶ କରିଛନ୍ତି । ଆସନ୍ତା ସେପ୍ଟେମ୍ବର ମାସରେ ପେକ୍ଷାଳୟରେ ମୁକ୍ତିଲାଭ କରିବ ଏବଂ ଚଳଚ୍ଚିତ୍ର 'ଅଭିସାର, ଏକ ପ୍ରେମ କାହାଣୀ' କୁ ସାରା ଓଡିଶାବାସୀ ଢେର ଭଲ ପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ଆଶାପ୍ରକଟ କରିଛନ୍ତି ।

# ଜଳବାହିତ ରୋଗର ନିୟନ୍ତ୍ରଣ ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ଝାରସୁଗୁଡ଼ା,୭/୦୮ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ 'ଜଳବାହିତ ରୋଗର ନିୟନ୍ତ୍ରଣ ଓ ପ୍ରତିରୋଧ' ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୌସୁମୀ ଋତୁରେ ଜଳବାହିତ ରୋଗର ବ୍ୟାପିବା ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲ୍ଲାର ଜଳବାହିତ ରୋଗର ସ୍ଥିତି ସମ୍ପର୍କରେ ତଥ୍ୟ ଦେଇ ସମୀକ୍ଷା କରାଯାଇଥିଲା। ୨୦୨୪-୨୫ ବର୍ଷରେ ୨୩୨୫ଟି ଏବଂ ୨୦୨୫-୨୬ରେ ୧୬୬୩ଟି ଆକ୍ୟୁଟ୍ ଡାଏରିଆ କେସ୍ ଆସିଥିବା ବେଳେ ୨୦୨୬-୨୭ ବର୍ଷରେ ଜୁଲାଇ ୩୧ ସୁଦ୍ଧା ୮୫୯ଟି କେସ୍ ରେକର୍ଡ କରାଯାଇଛି। ସେହିପରି ଟାଇଫଏଡ୍ କେସ୍ ୨୦୨୪-୨୫ରେ ୩୪୧ ଏବଂ ୨୦୨୫-୨୬ରେ ୧୨୭ ଥିବା ବେଳେ ଚଳିତ ବର୍ଷ ଜୁଲାଇ ଶେଷ ସୁଦ୍ଧା ୧୦୧ଟି ଚିହ୍ନଟ ହୋଇଛି। ଜିଲ୍ଲାରେ ହଇଜା ଏବଂ ହେପାଟାଇଟିସ୍-ଏ ଏବଂ ଇ ସଂକ୍ରମଣ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସାଧାରଣ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେଇ ଖାଦ୍ୟ ସୁରକ୍ଷା ଅଧିକାରୀ କୁନ୍ଦନ ଲୋହାରଙ୍କୁ ସହରର ଅସ୍ୱାସ୍ଥ୍ୟକର ପରିବେଶରେ ଚାଲୁଥିବା ଖାଦ୍ୟ ଦୋକାନ, ଗୁପୁଚୁପ୍ ଷ୍ଟଲ୍ ଏବଂ ଚାଇନିଜ୍ ଫାଷ୍ଟଫୁଡ୍ ଦୋକାନଗୁଡ଼ିକ ଉପରେ ନିୟମିତ ଚଢ଼ାଉ ଓ ଯାଂଚ୍ ଅଭିଯାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋକାନଗୁଡ଼ିକରେ ବ୍ୟବହୃତ ହେଉଥିବା ପାନୀୟ ଜଳ ଓ ଖାଦ୍ୟର ଗୁଣବତ୍ତା ନିମ୍ନମାନର ଥିଲେ କିମ୍ବା ଦୂଷିତ ପାଣି ବ୍ୟବହାର ହେଉଥିଲେ ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ ମୋଟା ଅଙ୍କର ଜରିମାନା ଆଦାୟ କରିବା ସହ ଦୋକାନ ସିଲ୍ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ତହସିଲସ୍ତରରେ ଅଗଷ୍ଟ ମାସର ରାଜସ୍ୱ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ପ୍ରକାଶ

କେନ୍ଦ୍ରାପଡ଼ା,୭/୦୮ (ନି.ପ୍ର): ଜନସାଧାରଣଙ୍କ ରାଜସ୍ୱ ସମ୍ପର୍କିତ ଅଭିଯୋଗର ତ୍ୱରିତ ସମାଧାନ ଓ ଲୋକଙ୍କୁ ସୁଗମ ରାଜସ୍ୱ ସେବା ପ୍ରଦାନ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରତିମାସ ତହସିଲସ୍ତରରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ରାଜସ୍ୱ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରହିଛି ।ଏହି ପରିପ୍ରେକ୍ଷୀରେ ଅଗଷ୍ଟ ମାସ ପାଇଁ ଶୁଣାଣି କାର୍ଯ୍ୟସୂଚୀ ଚୂଡ଼ାନ୍ତ କରାଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ,୧୧ ଅଗଷ୍ଟରେ ପଟ୍ଟାମୁଣ୍ଡାଇ ଠାରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ୧୪ ଅଗଷ୍ଟରେ ମହାକାଳପଡ଼ା ଠାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ୧୮ ଅଗଷ୍ଟରେ ରାଜନଗର ଠାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଏବଂ ୨୦ ଅଗଷ୍ଟରେ ରାଜକନିକା ଠାରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ରାଜସ୍ୱ ଅଭିଯୋଗ ଶୁଣାଣି କରିବେ। ସମସ୍ତ ଶୁଣାଣି ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ରେ ଅନୁଷ୍ଠିତ ହେବ। ଜନସାଧାରଣଙ୍କ ଯେକୌଣସି ରାଜସ୍ୱ ସମ୍ପର୍କିତ ଅଭିଯୋଗ କିମ୍ବା ସମସ୍ୟା ଥିଲେ, ନିର୍ଦ୍ଧାରିତ ତାରିଖରେ ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶୁଣାଣି ମାଧ୍ୟମରେ ଜନସାଧାରଣଙ୍କ ରାଜସ୍ୱ ସମ୍ପର୍କିତ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ସହ ତହସିଲସ୍ତରରେ ଅଭିଯୋଗ ନିରାକରଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଉଛି।




ମଣିଷ ଶରୀର ପାଇଁ ପ୍ରୋଟିନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଜନ ନିୟନ୍ତ୍ରଣ କରିବା, ରକ୍ତ ଶର୍କରା ସନ୍ତୁଳିତ କରିବା, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଏବଂ ମାଂସପେଶୀ ଷ୍ଟ୍ରଙ୍ଗ୍ କରୁଥିବା ପ୍ରୋଟିନ୍ ପ୍ରାୟ ସମସ୍ତଙ୍କ ପାଇଁ ଆବଶ୍ୟକ । ତେବେ ଖାଦ୍ୟରେ ମସୁର ଡାଲି ଏବଂ ଚଣା ଦୁଇଟି ସବୁଠାରୁ ବିଶ୍ୱସ୍ତ ନିରାମିଷ ପ୍ରୋଟିନ୍ ଉତ୍ସ ବୋଲି କୁହାଯାଏ । ପ୍ରାୟତଃ ଲୋକ ଭାବନ୍ତି ଯେ ମସୁର ଡାଲି କିମ୍ବା ଚଣା ପ୍ରୋଟିନ୍ ପାଇଁ ଅଧିକ ଲାଭଦାୟକ । ତେବେ ଦୁଇଟି ଭିତରୁ କେଉଁ ଖାଦ୍ୟଟି ପ୍ରୋଟିନ୍ ପାଇଁ ବେଷ୍ଟ୍ ଆସନ୍ତୁ ଜାଣିବା । ୧୦୦ ଗ୍ରାମ କଞ୍ଚା ଲଙ୍କାରେ ପ୍ରାୟ ୨୨ ରୁ ୨୫ ଗ୍ରାମ ପ୍ରୋଟିନ୍ ଥାଏ । ୧୦୦ ଗ୍ରାମ କଞ୍ଚା ଚଣାରେ ପ୍ରାୟ ୧୯ ରୁ ୨୧ ଗ୍ରାମ ପ୍ରୋଟିନ୍ ଥାଏ ଯାହା ରାନ୍ଧିବା ପରେ ଅଳ୍ପ ପରିମାଣର ହ୍ରାସ ପାଏ । ରନ୍ଧା ଲଙ୍କାରେ ପ୍ରତି ୧୦୦ ଗ୍ରାମ ପାଇଁ ପ୍ରାୟ ୮ ରୁ ୯ ଗ୍ରାମ ପ୍ରୋଟିନ୍ ଥିବାବେଳେ ରନ୍ଧା ଚଣାରେ ପ୍ରତି ୧୦୦ ଗ୍ରାମ ପାଇଁ ପ୍ରାୟ ୮-୯ ଗ୍ରାମ ପ୍ରୋଟିନ୍ ଥାଏ । ଏହାର ଅର୍ଥ ହେଉଛି ରନ୍ଧା ଲଙ୍କା ଏବଂ ଚଣାର ପ୍ରୋଟିନ୍ ପରିମାଣ ପ୍ରାୟ ସମାନ । ମସୁର ଡାଲି କଥା ଯଦି କହିବା ତାହେଲେ ଏହା ସାଧାରଣତଃ ସହଜରେ ହଜମ ହୁଏ ଯାହା ପିଲା, ବୟସ୍କ ସବୁ ବର୍ଗର ଲୋକଙ୍କ ପାଇଁ ଉପଯୁକ୍ତ ଆହାରର କାମ କରେ । ଅନ୍ୟପକ୍ଷରେ ଚଣାରେ ଫାଇବର ଏବଂ ଷ୍ଟାର୍ଚ ଅଧିକ ଥାଏ ଯାହା ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ତଥାପି ଅତ୍ୟଧିକ ଚଣା ଖାଇବା ଦ୍ୱାରା ଗ୍ୟାସ କିମ୍ବା ପେଟ ଫୁଲିପାରେ । ଚଣା ଫାଇବର ଏବଂ ସୁସ୍ଥ କାର୍ବୋହାଇଡ୍ରେଟରେ ଭରପୂର ଯାହା ଆପଣଙ୍କୁ ଅଧିକ ସମୟ ପେଟ ଫୁଲ୍ ରଖିବା ଏବଂ ଭୋକ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଅନ୍ୟପକ୍ଷରେ ମସୁର ଡାଲି ହାଲୁକା ଏବଂ କମ୍ କ୍ୟାଲୋରୀ ଯୁକ୍ତ ହୋଇଥିବାରୁ ଖାଦ୍ୟରେ ଭଲ ଭାବରେ ଫିଟ୍ ହୁଏ ଏବଂ ଖାଇବା ପାଇଁ ମଧ ବେଷ୍ଟ୍ । ମସୁର ଡାଲିରେ ପ୍ରଚୁର ପରିମାଣରେ ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଲାଇସିନ୍ ଥାଏ, ଯାହା ଶରୀର ମରାମତି ଏବଂ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଜରୁରୀ । ଚଣାରେ ଅଧିକ ସନ୍ତୁଳିତ ଆମିନୋ ଏସିଡ୍ ପ୍ରୋଫାଇଲ୍ ଥାଏ ଯାହାକୁ ଭାତ କିମ୍ବା ରୁଟି ସହିତ ଖିଆଯାଏ । ଏହାର ଅର୍ଥ ହେଉଛି ଆମିନୋ ଏସିଡ୍ ସନ୍ତୁଳନ ଦୃଷ୍ଟିରୁ ଚଣା ଡାଲି ଅପେକ୍ଷା ଟିକେ ଭଲ । ଡାଲି ଏବଂ ଚଣା ଉଭୟର ନିଜସ୍ୱ ଲାଭ ଅଛି । ଯଦି ଆପଣ ସହଜରେ ହଜମ ହେଉଥିବା ପ୍ରୋଟିନ୍ ଖୋଜୁଛନ୍ତି ତେବେ ମସୁର ଡାଲି ଭଲ । ଯଦି ଦୀର୍ଘ ସମୟର ଶକ୍ତି ଅନୁଭବ କରିବାକୁ ଚାହୁଁଛନ୍ତି ତେବେ ଚଣା ଖାଇବା ଭଲ ।




ସକାଳର ଜଳଖିଆ କେବଳ ଭୋକ ମେଣ୍ଟାଇବା ପାଇଁ ନୁହେଁ, ବରଂ ଏହା ହିଁ ସ୍ଥିର କରେ ଯେ ଆପଣ ଦିନସାରା କେତେ ସକ୍ରିୟ ରହିବେ ଏବଂ ଆପଣଙ୍କର ମେଟାବୋଲିଜିମ୍ କେତେ ଭଲ ଭାବରେ କାମ କରିବ । ଜଳଖିଆକୁ ସାରା ଦିନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆହାର ବୋଲି ବିବେଚନା କରାଯାଏ । ସଠିକ୍ ଜଳଖିଆ ଦିନସାରା ଶକ୍ତି ଯୋଗାଇଥାଏ, ଯେତେବେଳେ କି ଭୁଲ୍ ଅଭ୍ୟାସଗୁଡ଼ିକ ଧୀରେ ଧୀରେ ଓଜନ ବଢ଼ାଇବା ଏବଂ ସ୍ୱାସ୍ଥ୍ୟ ଖରାପ କରିବାର କାରଣ ହୋଇଥାଏ । ଆଜିକାଲି ଅଧିକାଂଶ ଲୋକ ଜଳଖିଆକୁ ହାଲୁକା ଭାବେ ନିଅନ୍ତି । କେହି ଜଳଖିଆ ଛାଡିଦିଅନ୍ତି, ତ କେହି କେବଳ ଚା' କିମ୍ବା ବିସ୍କୁଟରୁ ଦିନ ଆରମ୍ଭ କରନ୍ତି । ଏହି ଛୋଟ ଛୋଟ ଭୁଲଗୁଡ଼ିକ ପରବର୍ତ୍ତୀ ସମୟରେ ଗ୍ୟାସ୍, ଥକ୍କାପଣ ଏବଂ ଓଜନ ବୃଦ୍ଧି ଭଳି ସମସ୍ୟା ସୃଷ୍ଟି କରେ ।

ଆୟୁର୍ବେଦିକ ଏବଂ ୟୁନାନି ବିଶେଷଜ୍ଞ ଡାକ୍ତର ସଲିମ ଜୈଦିଙ୍କ ଅନୁସାରେ, ଭାରତୀୟମାନଙ୍କ ମଧ୍ୟରେ ଜଳଖିଆକୁ ନେଇ କିଛି ଅଭ୍ୟାସ ଅତି ସାଧାରଣ, କିନ୍ତୁ ଏହା ଶରୀରକୁ ଫାଇଦା ପହଞ୍ଚାଇବା ପରିବର୍ତ୍ତେ କ୍ଷତି କରିଥାଏ । ତେଣୁ ସମୟ ଥାଉ ଥାଉ ଏହି ଅଭ୍ୟାସଗୁଡ଼ିକୁ ସୁଧାରିବା ଜରୁରୀ। ଆସନ୍ତୁ ଜାଣିବା ଜଳଖିଆ ସହିତ ଜଡ଼ିତ ୫ଟି ବଡ଼ ଭୁଲ୍ ବିଷୟରେ, ଯାହାଠାରୁ ଆଜିଠାରୁ ହିଁ ଦୂରେଇ ରହିବା ଉଚିତ୍ ।

ଖାଲି ପେଟରେ ଚା' ପିଇବା:

ସକାଳୁ ଉଠିବା ମାତ୍ରେ ଅଧିକାଂଶ ଭାରତୀୟ କିଛି ନ ଖାଇ ନ ପିଇ ଚା' ପିଅନ୍ତି । ଯଦି ଆପଣ ମଧ ସେମାନଙ୍କ ମଧ୍ୟରୁ ଜଣେ, ତେବେ ପେଟରେ ଏସିଡିଟି ବଢ଼ିପାରେ, କର୍ଟିସୋଲ ସ୍ତର ବୃଦ୍ଧି ପାଇପାରେ ଏବଂ ଡିହାଇଡ୍ରେସନ୍ ହୋଇପାରେ । ଏହା ବ୍ୟତୀତ ଭୋକ ମଧ କମିଯାଏ, ଯାହା ଦ୍ୱାରା ଆପଣଙ୍କ ଜଳଖିଆ ସଠିକ୍ ଭାବେ ହୋଇପାରେ ନାହିଁ ।

ପ୍ରତିଦିନ ପରଟା ଖାଇବା:

ଭାରତୀୟ ଜଳଖିଆରେ ଲୋକେ ପରଟା ଖାଇବାକୁ ପସନ୍ଦ କରନ୍ତି । କିନ୍ତୁ ପ୍ରତିଦିନ ପରଟା ଖାଇବା ଦ୍ୱାରା ଅଧିକ କାର୍ବସ ମିଳିଥାଏ ଏବଂ ପ୍ରୋଟିନ କମ୍ ମିଳେ । ଏହାକୁ ଖାଇବା ଦ୍ୱାରା ପେଟ ଭର୍ତ୍ତି ରହିଥାଏ, କିନ୍ତୁ ଇନସୁଲିନ୍ ସ୍ପାଇକ୍ ହୁଏ । ଏହା ସହିତ ମଧ୍ୟାହ୍ନ ବେଳକୁ ନିଦ ଲାଗିବା ଏବଂ ଶରୀର ଭାରି ଲାଗିବା ମଧ ଅନୁଭବ ହୁଏ ।

ଇନଷ୍ଟାଣ୍ଟ ଓଟ୍ସ ଖାଇବା:

'ହେଲଦି' ଭାବି ଇନଷ୍ଟାଣ୍ଟ ଓଟ୍ସ ଖାଇବା ମଧ ସଠିକ୍ ବିକଳ୍ପ ନୁହେଁ । ଏଥିରେ ଫାଇବର କମ୍ ଏବଂ ପ୍ରୋସେସିଂ ଅଧିକ ଥାଏ, ଯାହାଦ୍ୱାରା ବ୍ଲଡ୍ ସୁଗାର ବଢ଼ିପାରେ ଏବଂ ଓଜନ କମାଇବା କଷ୍ଟକର ହୋଇପଡେ।

ଚା'-ବିସ୍କୁଟ କିମ୍ବା ଫ୍ରୁଟ୍ ଜୁସ୍:

ସକାଳ ଜଳଖିଆରେ ଯଦି ଆପଣ ଚା'-ବିସ୍କୁଟ କିମ୍ବା ଫ୍ରୁଟ୍ ଜୁସ୍ ନିଅନ୍ତି, ତେବେ ଆପଣଙ୍କୁ ପ୍ରଚୁର ପରିମାଣରେ ମଇଦା, ଚିନି ଏବଂ ଟ୍ରାନ୍ସ ଫ୍ୟାଟ୍ସ ମିଳିଥାଏ । ଏହା ଯୋଗୁଁ ଇନସୁଲିନ୍ ସ୍ପାଇକ୍ ହେବ ଏବଂ ମୋଟାପଣ ବଢ଼ିବାର ଭୟ ରହିବ।

ଜଳଖିଆ ନ କରିବା:

ଡାଇଟିଂ ଚକ୍କରରେ ଯଦି ଆପଣ ସକାଳେ କିଛି ଖାଉ ନାହାଁନ୍ତି, ତେବେ ଏହା ମଧ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଠିକ୍ ନୁହେଁ । ଏହାଦ୍ୱାରା ମେଟାବୋଲିଜିମ୍ ଧୀମା ହୋଇଯାଏ। ଏହା ବ୍ୟତୀତ ଜଙ୍କ ଫୁଡ୍ ଖାଇବାର କ୍ରେଭିଙ୍ଗ୍ ବଢ଼ିଥାଏ ଏବଂ ମଧ୍ୟାହ୍ନରେ ଅଧିକ ଖାଇବାର ସମ୍ଭାବନା ଅଧିକ ଥାଏ ।




ଗର୍ଭାବସ୍ଥା ପ୍ରତିଟି ମହିଳାଙ୍କ ପାଇଁ ଚ୍ୟାଲେଞ୍ଜଭରା । ଏହି ସମୟରେ ମହିଳାଙ୍କ ଶରୀରରେ ବିଭିନ୍ନ ସମସ୍ୟା ଦେଖାଦେଉଛି । ଏବେ ଗର୍ଭବତିଙ୍କ ମଧ୍ୟରେ ବଢୁଛି ହୃଦ୍ ରୋଗ । ଆଇସିଏମଆର ବା ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ ପକ୍ଷରୁ ଏସସିବି ମେଡିକାଲ କଲେଜ ଦେଢ଼ ବର୍ଷ ଭିତରେ ଏଭଳି ତଥ୍ୟ ଉଦବେଗର କାରଣ ହୋଇଛି । ହୃଦ୍‌ରୋଗ କେତେବେଳେ କାହାକୁ ହେବ, ତାହା କେହି କହିପାରିବେ ନାହିଁ । ପୂର୍ବ ତୁଳନାରେ ଏହା ଅଧିକ ବଢ଼ି ବଢ଼ି ଚାଲିଛି । ବିଶେଷକରି ଗର୍ଭବତୀ, ହୃଦ୍‌ରୋଗରେ ଆକ୍ରାନ୍ତ ହେବା ଅଧିକ ଚିନ୍ତାଜନକ । ଏସ୍‌ସିବିରେ ଆଇସିଏମ୍‌ଆରର ଏକ ଅନୁଧାନ ପ୍ରକଳ୍ପ ରିପୋର୍ଟରେ ଯେଉଁ ତଥ୍ୟ ଆସିଛି, ତାହା ଆଖି ଖୋସିଦେଲା ଭଳି । ପ୍ରାୟ ୧ ହଜାର ଗର୍ଭବତୀଙ୍କ ମଧ୍ୟରୁ ୯୪ ଜଣ ହୃଦ୍‌ରୋଗର ଶିକାର ହୋଇଥିବା ଜଣାପଡ଼ିଛି । ଏଥିରୁ ୪ ଜଣଙ୍କ ମୃତ୍ୟୁ, ୮ ଜଣଙ୍କର ହୃଦ୍‌ରୋଗଜନିତ ଅସ୍ତ୍ରୋପଚାର ହୋଇଛି ଏବଂ ଜଣେ ମହିଳାଙ୍କର ପେସ୍ ମେକର୍ ଲଗାଯାଇଛି । ୮ ଜଣ ମହିଳାଙ୍କ ହୃଦରୋଗ ଜଟିଳ ହୋଇପଡ଼ିଥିବାରୁ ଗର୍ଭପାତ କରାଯାଇଛି । ଏସ୍‌ସିବିରେ ୪ ବର୍ଷ ଧରି ଚାଲିବ ଏହି ପ୍ରକଳ୍ପରେ । ଗର୍ଭାବସ୍ଥାରେ ମହିଳାଙ୍କ ସୁରକ୍ଷିତ ଚିକିତ୍ସା ପ୍ରକଳ୍ପର ଏକମାତ୍ର ଲକ୍ଷ୍ୟ । ଡାକ୍ତରଙ୍କ କହିବା କଥା, ଏହି ସର୍ଭେ ରିପୋର୍ଟ ଗର୍ଭବତୀଙ୍କୁ ଅନେକ ସହାୟତା କରିବ । ପ୍ରଥମେ ମାଡ୍ରାସ ମେଡିକାଲ କଲେଜରେ ଗର୍ଭବତୀ ମହିଳାଙ୍କ ଦ୍ୱାରା ଦେଖାଯାଉଥିବା ହୃଦରୋଗକୁ ନେଇ ଅନୁଧାନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଭାରତର ୫୦ଟି ମେଡିକାଲ କଲେଜରେ ଅନୁଧାନ ଆରମ୍ଭ ହୋଇଥିଲା । ଏସସିବିର ହୃଦରୋଗ ବିଭାଗ ଓ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ଉପରେ କାମ କରାଯାଉଛି । ସାଧାରଣତଃ ଗର୍ଭବତୀ ସମୟରେ ଶ୍ୱାସକ୍ରିୟାରେ ସମସ୍ୟା, ଧଇଁସଇଁ ଲାଗିବା, ଗୋଡ଼ହାତ ଫୁଲିବା, ଛାତିରେ ଯନ୍ତ୍ରଣା, ମୂର୍ଚ୍ଛା ହୋଇଯିବା ଭଳି ଲକ୍ଷଣ ଦେଖାଯାଇଥାଏ । ଏସସିବିରେ ହୃଦରୋଗ ଚିହ୍ନଟ ହେଲେ, ସେମାନଙ୍କ ଚିକିତ୍ସା ଆରମ୍ଭ ସହିତ ସ୍ୱାଭାବିକ ପ୍ରସବ ନକରି ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରାଯାଉଛି । ଅସ୍ତ୍ରୋପଚାର ବେଳେ ହୃଦରୋଗ ଜନିତ ସମସ୍ତ ଔଷଧ ପ୍ରଦାନ କରାଯାଉଛି । ଗର୍ଭବତୀ ମହିଳା ମହିଳା କ୍ଷେତ୍ରରେ ହୃଦରୋଗ ବଢୁଥିବାରୁ ସତର୍କ ରହିବା ଜରୁରୀ ହୋଇପଡିଛି ।

## ଘିଅ ଅସଲି ନା ନକଲି ଜାଣିବେ କିପରି ? ଘରେ ଆପଣାନ୍ତୁ 'ଫୁଡ୍ ଫାର୍ମର'ର ସହଜ ଫର୍ମୁଲା



ଦେଶି ଘିଅ ମହଙ୍ଗା ହେବା କାରଣରୁ ବଜାରରେ ଭେଜାଲ ଘିଅ ବିକ୍ରି ଧୁମ୍ ବଢୁଛି । ଏହାକୁ ନେଇ ଗ୍ରାହକ ଭାରି ଚିନ୍ତାରେ । ତେବେ ସୋସିଆଲ ମିଡଆ ଇନଫ୍ଲୁଏନ୍ସର ରେବନ୍ତ ହିମାତ୍ସିଗକା କହିଛନ୍ତି , ଘରେ ଦେଶି ଘିଅର ଶୁଦ୍ଧତା ଜାଣିବାକୁ ଏକ ସହଜ ଉପାୟ ବତାଇଛନ୍ତି । ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଋଝଝଇଓ)ର ପରୀକ୍ଷଣ ଉପରେ ଏହା ଆଧାରିତ । ଶୀତଦିନେ ଭାରତୀୟ ପରିବାରର ଅଧିକାଂଶ ରୋଷେଇ ଘରେ ଘିଅର ବ୍ୟବହାର ଅଧିକ ହୁଏ । ଯଦିଓ ଲୋକେ ଖରା ଦିନରେ ଦେଶି ଘିଅର ବ୍ୟବହାର କମ୍ ହୋଇଥାଏ , କିନ୍ତୁ ଶୀତଦିନେ ପନିପରିବା ଉପରେ ଘିଅ ଦେଇ ପରଟା ଖାଇବାକୁ ଭଲପାଆନ୍ତି । ଦେଶୀ ଘିଅ କୁ ସୁପର ଫୁଡ୍ ଭାବେ ବିବେଚନା କରାଯାଏ । ଦେଶୀ ଘିଅ ମହଙ୍ଗା । ତେଣୁ ଏହାକୁ ଅପମିଶ୍ରିତ କରି ବଜାରରେ ବିକ୍ରି କରୁଛନ୍ତି । ବଜାରରେ ଏବେ ଅନେକ ବ୍ରାଣ୍ଡର ଦେଶୀ ଘିଅ ଉପଲବ୍ଧ , ଯାହା ଲୋକଙ୍କ ପାଇଁ କେଉଁଟି ଅସଲି କୋଉଟା ନକଲି ତାହା ନିର୍ଣ୍ଣୟ କରିବା କଷ୍ଟକର ହୋଇପଡ଼େ । ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ରେଭନ୍ତ ହିମାତ୍ସିଗକା ତାଙ୍କ ମିଡିଆ ଚ୍ୟାନେଲ ' ଫୁଡ୍ ଫାର୍ମର ମାଧ୍ୟମରେ ଲୋକଙ୍କୁ ଖାଦ୍ୟ ଓ ପାନୀୟ ବାବଦରେ ସତର୍କ କରାଇବା ସହ ଘିଅର ଶୁଦ୍ଧତା ପରଖିବାକୁ ସହଜ ଓ ସରଳ ଉପାୟ ବତାଇଛନ୍ତି । ରେଭନ୍ତ ନିକଟରେ ତାଙ୍କ ଇନଷ୍ଟାରେ ଏକ ଟ୍ୱିଟ୍ ସେୟାର କରିଛନ୍ତି । ଘିଅର ଶୁଦ୍ଧତା ପରୀକ୍ଷା କରିବାକୁ ଏକ ପାତ୍ରରେ ଘିଅ ନେବାକୁ ପଡ଼ିବ ଏବଂ ତା'ପରେ ଏଥିରେ ଆୟୋଡିନ୍ ମିଶାନ୍ତୁ । ଦୁଇଟିକୁ ଭଲଭାବେ ମିଶାନ୍ତୁ । ମିଶ୍ର ପରେ ଯଦି ଘିଅର ରଙ୍ଗ ନୀଳ ହୋଇଯାଏ ତେବେ ଜାଣିବେ ଯେ ଆପଣ କିଣିଥିବା ଘିଅ ନକଲି । ଯଦି ଘିଅର ରଙ୍ଗ ବଦଳେନାହିଁ କିମ୍ବା ଇସତ୍ ହଳଦିଆ ଦେଖାଯାଏ ତେବେ ଜାଣିବେ ଆପଣ କିଣିଥିବା ଘିଅ ଶୁଦ୍ଧ ଏବଂ ଅସଲି । ଶୀତଦିନେ ଦେଶି ଘିଅ ମହୌଷଧି ଭଳି କାମ ଦିଏ । ଏହା ଶରୀରରେ ଉଷ୍ମତା ରକ୍ଷା କରିବା ସହ ଶରୀରରେ ରୋଗ ପ୍ରତିଶେଧକ ଶକ୍ତି ଭାବେ କାମ କରେ । ଏହା ଥଣ୍ଡା ଓ ଭାଇରାଲ ସଂକ୍ରମଣକୁ ଆଶଙ୍କା ହ୍ରାସ କରିଥାଏ । ଏହା ପାଚନ ପ୍ରଣାଳୀକୁ ସୁସ୍ଥ ରଖେ । ଶୀତଦିନେ ଦେଶି ଘିଅ ସେବନ କଲେ ଆଣ୍ଠୁ ଗଣ୍ଠି ସମସ୍ୟା ଦୂର ହୁଏ । ଏହା ଚର୍ମକୁ ଶୁଷ୍କ ହେବାକୁ ଦିଏନାହିଁ । ଏହାକୁ ସ୍ନାୟୁ ରୋଗର ଚିକିତ୍ସାରେ ବି ବ୍ୟବହାର କରାଯାଏ । ପ୍ରତିଦିନ ଦୁଇ ନାକ ପୁଡ଼ାରେ ଦୁଇ ଠୋପା ଲେଖାଏଁ ଘିଅ ପକାଇଲେ ମାଇଗ୍ରେନ୍ ସମସ୍ୟା ଦୂର ହେବା ସହ ମୁଣ୍ଡ ବିନ୍ଧା ଯନ୍ତ୍ରଣା ଦୂର ହୁଏ । ଏହା ସ୍ମୃତିଶକ୍ତି ତୀକ୍ଷ୍ଣ କରିଥାଏ

## ଲାଇଟ୍ ଜଳାଇ ଶୋଉଛନ୍ତି କି ? ଜାଣନ୍ତୁ କିପରି ବିଗିଡ଼ିପାରେ ହରମୋନ୍ ସନ୍ତୁଳନ


ଗାଇନେକୋଲୋଜିଷ୍ଟ ଡାକ୍ତର ମିତାଲି ରାଠୋଡ଼ଙ୍କ ଅନୁଯାୟୀ, ଲାଇଟ୍ ଜଳାଇ ଶୋଇବା ଦ୍ୱାରା ମେଲାଟୋନିନ୍ ହରମୋନ୍ ତିଆରିରେ ବାଧା ସୃଷ୍ଟି ହୋଇଥାଏ, ଯାହା ଫଳରେ କର୍ଟିସୋଲ୍ ସ୍ତର ବୃଦ୍ଧି ପାଏ ଏବଂ ଶରୀରର ହରମୋନ୍ ସନ୍ତୁଳନ ବିଗିଡ଼ିଯାଏ। ନିନ୍ଦ କେବଳ ଶରୀରକୁ ବିଶ୍ରାମ ଦିଏନାହିଁ, ବରଂ ହରମୋନ୍ ସନ୍ତୁଳନ ବଜାୟ ରଖିବାରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନେକ ଲୋକଙ୍କର ଘରର ଲାଇଟ୍ କିମ୍ବା ବେଡସାଇଡ୍ ଲ୍ୟାମ୍ପ ଜଳାଇ ଶୋଇବାର ଅଭ୍ୟାସ ଥାଏ। ଇନଷ୍ଟାଗ୍ରାମରେ 'ଡକ୍ଟର ୟୁଟେରସ୍' ନାମରେ ପରିଚିତ ଗାଇନେକୋଲୋଜିଷ୍ଟ ଡାକ୍ତର ମିତାଲି ରାଥୋଡ଼ ବୁଝାଇଛନ୍ତି ଯେ, ଏହି ଅଭ୍ୟାସ ମହିଳାଙ୍କ ପ୍ରଜନନ ସ୍ୱାସ୍ଥ୍ୟ ଉପରେ କିପରି ପ୍ରଭାବ ପକାଇପାରେ।

ନିଦ ଏବଂ ହରମୋନ୍‌ର ସିଧାସଳଖ ସମ୍ପର୍କ: ଡାକ୍ତରଙ୍କ କହିବା ଅନୁଯାୟୀ, ହରମୋନ୍ ସନ୍ତୁଳନ ରଖିବାରେ ନିଦର ବହୁତ ବଡ଼ ହାତ ରହିଛି। ଯଦି ଲାଇଟ୍ ଯୋଗୁଁ ନିଦର ଗୁଣବତ୍ତା ନଷ୍ଟ ହୁଏ, ତେବେ ଏହାର ସିଧାସଳଖ ପ୍ରଭାବ ହରମୋନ୍ ଉପରେ ପଡ଼ିଥାଏ। ଋତୁସ୍ରାବ ଚକ୍ରର ବିଭିନ୍ନ ପର୍ଯ୍ୟାୟ, ଯେପରିକି ମେନ୍‌ଷ୍ଟ୍ରୁଆଲ୍, ଫୋଲିକୁଲାର, ଓଭ୍ୟୁଲେଟରି ଏବଂ ଲ୍ୟୁଟିଆଲ୍ ଫେଜ୍ ?ରେ ନିଦରେ ବ୍ୟାଘାତ ଘଟିବା ଏବଂ ଶରୀରର ବାୟୋଲୋଜିକାଲ୍ କ୍ଲକ୍ ବିଗିଡ଼ିବାର ଅଧିକ ସମ୍ଭାବନା ଥାଏ। ହରମୋନ୍ ଉପରେ ପଡ଼ିଥାଏ ସିଧାସଳଖ ପ୍ରଭାବ ରାତିରେ ଆଲୋକ ସଂସ୍ପର୍ଶରେ ଆସିବା ଦ୍ୱାରା ମେଲାଟୋନିନ୍ ହରମୋନ୍ ପ୍ରସ୍ତୁତି କମିଯାଏ। ଏହି ହରମୋନ୍ ଶରୀରକୁ ଶୋଇବାର ସଙ୍କେତ ଦେଇଥାଏ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ତଥା ହରମୋନ୍ ନିୟନ୍ତ୍ରଣରେ ମୁଖ୍ୟ ଭୂମିକା ଗ୍ରହଣ କରେ। ମେଲାଟୋନିନ୍ ହ୍ରାସ ପାଇଲେ ନିଦ ପ୍ରଭାବିତ ହୁଏ, ଯାହା ଫଳରେ ଷ୍ଟ୍ରେସ୍ ହରମୋନ୍ 'କର୍ଟିସୋଲ୍'ର ସ୍ତର ବଢ଼ିଯାଏ। କର୍ଟିସୋଲ୍ ସ୍ତର ଅଧିକ ହେଲେ ଇନ୍‌ସୁଲିନ୍ ନିୟନ୍ତ୍ରଣ ଉପରେ ଖରାପ ପ୍ରଭାବ ପଡ଼େ, ଯାହା ଦ୍ୱାରା ଶରୀରରେ ପ୍ରଦାହ ବୃଦ୍ଧି ପାଏ। ଏହି ସମସ୍ୟା ଆଗକୁ ଯାଇ ହରମୋନ୍ ସନ୍ତୁଳନ ଓ ପ୍ରଜନନ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ।

ଅନ୍ଧାର ରୁମ୍: ଶୋଇବା ସମୟରେ ଘରକୁ ଯେତେ ସମ୍ଭବ ଅନ୍ଧାର ରଖନ୍ତୁ। ଯଦି ରାତିରେ ଚଲାବୁଲା ପାଇଁ ଆଲୋକ ଦରକାର, ତେବେ କୋଣରେ ଗୋଟିଏ ଅତି ଝାପ୍ସା ଲାଇଟ୍ ବ୍ୟବହାର କରିପାରିବେ।

ଆରାମଦାୟକ ପୋଷାକ: ଶରୀରର ତାପମାତ୍ରା ସଠିକ୍ ରଖିବା ପାଇଁ ଢିଲା ଏବଂ ହାଲୁକା ପୋଷାକ ପିନ୍ଧନ୍ତୁ।

ଆବଶ୍ୟକ ବାୟୁ ଚଳାଚଳ ଏବଂ ଶାନ୍ତ, ଥଣ୍ଡା ପରିବେଶ ଗଭୀର ଓ ସୁସ୍ଥ ନିନ୍ଦ ପାଇଁ ଅତ୍ୟନ୍ତ ଜରୁରୀ।



# ହାଇପର-ଏଣ୍ଡେମିକ୍ ଡେଙ୍ଗୁ: ଏକାଠି ବ୍ୟାପୁଛି ଏକାଧିକ ସେରୋଟାଇପ୍

ଭାରତରେ ଡେଙ୍ଗୁ ଭୂତାଣୁର ବିଭିନ୍ନ ପ୍ରକାର ବା ଷ୍ଟ୍ରେନ୍ ଏକାଠି ମିଶିବା କାରଣରୁ ଏହା ପୂର୍ବ ଅପେକ୍ଷା ଅଧିକ ବିପଜ୍ଜନକ ହେବାରେ ଲାଗିଛି । ନିକଟରେ ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର)ର ଭାଇରସ୍ ରିସର୍ଚ୍ଚ ଆଣ୍ଡ୍ ଡାଇଗ୍ନୋଷ୍ଟିକ୍ ଲାବୋରେଟୋରୀ (ଭିଆରଡିଏଲ୍) ପକ୍ଷରୁ କରାଯାଇଥିବା ଦୁଇ ବର୍ଷିଆ ଦେଶବ୍ୟାପୀ ସର୍ବେକ୍ଷଣ 'ପ୍ୟାନ୍-ଇଣ୍ଡିଆ ମଲିକ୍ୟୁଲାର ସର୍ଭିଲାନ୍ସ ଅଫ୍ ଡେଙ୍ଗୁ ସେରୋଟାଇପ୍ସ, ୨୦୨୩-୨୦୨୫' ରୁ ଜଣାପଡିଛି ଯେ ଭାରତର ଡେଙ୍ଗୁ ମହାମାରୀ ଏକ ନୂତନ ତଥା ଜଟିଳ ପର୍ଯ୍ୟାୟରେ ପ୍ରବେଶ କରୁଛି । ଦେଶର ଅଧିକାଂଶ ଅଞ୍ଚଳରେ ବର୍ତ୍ତମାନ ଏକାଧିକ ଭୂତାଣୁ ଷ୍ଟ୍ରେନ୍ ଏକାସାଙ୍ଗରେ ବ୍ୟାପିବାରେ ଲାଗିଛି । ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଏହି ଧାରା, ଯାହାକୁ ମହାମାରୀ ବିଜ୍ଞାନ ଭାଷାରେ ହାଇପର-ଏଣ୍ଡେମିକ୍ ଟ୍ରାନ୍ସମିସନ୍ କୁହାଯାଏ, ତାହା ଗମ୍ଭୀର ଅସୁସ୍ଥତାର ଆଶଙ୍କା ବଢାଇବା ସହିତ ରୋଗର ପ୍ରକୋପକୁ ପୂର୍ବାନୁମାନ କରିବା କଷ୍ଟକର କରିଥାଏ ଏବଂ ଭବିଷ୍ୟତର ଟୀକାକରଣ ରଣନୀତିକୁ ମଧ୍ୟ ଜଟିଳ କରିଥାଏ । ଏହି ଅଧ୍ୟୟନ ଭାରତରେ ଡେଙ୍ଗୁର ବିବର୍ତ୍ତନ ଏବଂ ଏହାର ଭବିଷ୍ୟତ ପ୍ରଭାବ ବିଷୟରେ ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରେ ।

ଏହି ଅଧ୍ୟୟନରେ ୨୦୨୩ ରୁ ୨୦୨୫ ମଧ୍ୟରେ ୨୫ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୫ ଟି ପରୀକ୍ଷାଗାରରୁ ୬,୮୮୯ ଟି ଡେଙ୍ଗୁ ନମୁନା ବିଶ୍ଳେଷଣ କରାଯାଇଥିଲା । ଏଥିରୁ ଜଣାପଡିଛି ଯେ ଡେଙ୍ଗୁ ଭୂତାଣୁର ବିଭିନ୍ନ ସେରୋଟାଇପ୍ ଗୁଡିକ ଦେଶବ୍ୟାପୀ ଏକାସାଙ୍ଗରେ ବ୍ୟାପୁଛି । ଆଠଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏକାସାଙ୍ଗରେ ସମସ୍ତ ଚାରୋଟି ସେରୋଟାଇପ୍ ସକ୍ରିୟ ଥିବାବେଳେ ୧୫ ଟି ରାଜ୍ୟରେ ତିନୋଟି ସେରୋଟାଇପ୍ ଏକାଠି ଦେଖିବାକୁ ମିଳିଛି । ଜାତୀୟ ସ୍ତରରେ ଡିଇଏନ୍‌ଭି-୨ ସବୁଠାରୁ ପ୍ରଭାବଶାଳୀ ଷ୍ଟ୍ରେନ୍ ଭାବରେ ଉଭା ହୋଇଛି, ଯାହାକି ଅଧାରୁ ଅଧିକ ସଂକ୍ରମଣ ପାଇଁ ଦାୟୀ ଅଟେ । ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି ପ୍ରାୟ ୭ ପ୍ରତିଶତ ରୋଗୀ ଅର୍ଥାତ୍ ପ୍ରତି ୧୪ ଜଣରେ ଜଣେ ଏକାସାଙ୍ଗରେ ଏକାଧିକ ଡେଙ୍ଗୁ ସେରୋଟାଇପ୍ ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡିଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁଯାୟୀ, ଡେଙ୍ଗୁ ହେଉଛି ଏକ ମଶାବାହିତ ଭୂତାଣୁ ଜନିତ ରୋଗ ଯାହା ମୁଖ୍ୟତଃ ସଂକ୍ରମିତ ମାଈ ଏଡିସ୍ ଇଜିପ୍ଟି ଏବଂ କିଛି ମାତ୍ରାରେ ଏଡିସ୍ ଆଲବୋପିକ୍ଟସ୍ ମଶା କାମୁଡିବା ଦ୍ୱାରା ବ୍ୟାପିଥାଏ । ଏହି ଭୂତାଣୁର ଚାରୋଟି ସେରୋଟାଇପ୍ ରହିଛି ଯଥା ଡିଇଏନ୍‌ଭି-୧, ଡିଇଏନ୍‌ଭି-୨, ଡିଇଏନ୍‌ଭି-୩ ଏବଂ ଡିଇଏନ୍‌ଭି-୪ । ଗୋଟିଏ ସେରୋଟାଇପ୍ ଦ୍ୱାରା ସଂକ୍ରମିତ ହେଲେ ଜଣେ ବ୍ୟକ୍ତି କେବଳ ସେହି ନିର୍ଦ୍ଦିଷ୍ଟ ସେରୋଟାଇପ୍ ବିରୋଧରେ ଆଜୀବନ ରୋଗ ପ୍ରତିରୋଧକ ଶକ୍ତି ଲାଭ କରେ, କିନ୍ତୁ ଅନ୍ୟ ତିନୋଟି ପ୍ରତି ରୋଗ ପ୍ରତିରୋଧକ ଶକ୍ତି ଅସ୍ଥାୟୀ ଏବଂ ଅସମ୍ପୂର୍ଣ୍ଣ ହୋଇଥାଏ । ତେଣୁ ଜଣେ ବ୍ୟକ୍ତି ଏକାଧିକ ଥର ଡେଙ୍ଗୁରେ ଆକ୍ରାନ୍ତ ହୋଇପାରନ୍ତି ଏବଂ ଏକ ଭିନ୍ନ ସେରୋଟାଇପ୍ ସହିତ ଦ୍ୱିତୀୟ ସଂକ୍ରମଣ ହେଲେ ଗମ୍ଭୀର ଡେଙ୍ଗୁ ହେବାର ଆଶଙ୍କା ବହୁଗୁଣିତ ହୋଇଯାଏ । ସାଧାରଣତଃ ମଶା କାମୁଡିବାର ୪ ରୁ ୧୦ ଦିନ ପରେ ଉଚ୍ଚ ଜ୍ୱର, ପ୍ରବଳ ମୁଣ୍ଡବିନ୍ଧା, ଆଖି ପଛରେ ଯନ୍ତ୍ରଣା, ମାଂସପେଶୀ ଏବଂ ଗଣ୍ଠି ବିନ୍ଧା, ବାନ୍ତି ଏବଂ ଚର୍ମରେ ଦାଗ ଭଳି ଲକ୍ଷଣ ଦେଖାଯାଏ । ଯଦିଓ ଅନେକ ଲୋକ ସୁସ୍ଥ ହୋଇଯାଆନ୍ତି, କିନ୍ତୁ କେତେକ କ୍ଷେତ୍ରରେ ପରିସ୍ଥିତି ଗୁରୁତର ହୋଇଥାଏ ଯାହା ପାଇଁ ତୁରନ୍ତ ଡାକ୍ତରୀ ସହାୟତା ଆବଶ୍ୟକ ହୁଏ । ଡବ୍ଲ୍ୟୁଏଚ୍‌ଓ ଡେଙ୍ଗୁକୁ ତିନୋଟି କ୍ଲିନିକାଲ୍ ବିଭାଗରେ ବିଭକ୍ତ କରିଛି ଯଥା ବିନା ଚେତାବନୀ ଲକ୍ଷଣ ଥିବା ଡେଙ୍ଗୁ, ଚେତାବନୀ ଲକ୍ଷଣ ଥିବା ଡେଙ୍ଗୁ ଏବଂ ଗମ୍ଭୀର ଡେଙ୍ଗୁ । ଗୁରୁତର ପେଟ ବିନ୍ଧା, କ୍ରମାଗତ ବାନ୍ତି, ମାଢି କିମ୍ବା ନାକରୁ ରକ୍ତସ୍ରାବ ଏବଂ ତରଳ ପଦାର୍ଥ ଜମିବା ଆଦି ଚେତାବନୀ ଲକ୍ଷଣ ଅଟେ । ଗମ୍ଭୀର ଡେଙ୍ଗୁ ଶକ୍, ଶ୍ୱାସକ୍ରିୟାରେ କଷ୍ଟ କିମ୍ବା ଅଙ୍ଗପ୍ରତ୍ୟଙ୍ଗ ଅକାମୀ ହେବା ଭଳି ପରିସ୍ଥିତି ସୃଷ୍ଟି କରିପାରେ ଏବଂ ଠିକ୍ ସମୟରେ ଚିକିତ୍ସା ନହେଲେ ଏହା ପ୍ରାଣଘାତୀ ମଧ୍ୟ ହୋଇପାରେ ।

ବର୍ତ୍ତମାନ ଭାରତର ସ୍ଥିତିକୁ ଗବେଷକମାନେ ହାଇପର-ଏଣ୍ଡେମିକ୍ ଟ୍ରାନ୍ସମିସନ୍ ବୋଲି ବର୍ଣ୍ଣନା କରୁଛନ୍ତି । ଏହାର ଅର୍ଥ ହେଉଛି ଦୀର୍ଘ ସମୟ ଧରି ଏକ ନିର୍ଦ୍ଦିଷ୍ଟ ଜନସଂଖ୍ୟା ମଧ୍ୟରେ ଏକାଧିକ ସେରୋଟାଇପ୍ ର ନିରନ୍ତର ସଞ୍ଚାର । ପ୍ରତି କିଛି ବର୍ଷରେ ଗୋଟିଏ ଷ୍ଟ୍ରେନ୍ ବଦଳରେ ଅନ୍ୟ ଏକ ଷ୍ଟ୍ରେନ୍ ଆସିବା ପରିବର୍ତ୍ତେ, ଏକାଧିକ ଷ୍ଟ୍ରେନ୍ ଏକାସାଙ୍ଗରେ ସକ୍ରିୟ ରହୁଛନ୍ତି, ଯାହାଦ୍ୱାରା ଲୋକମାନେ ନିଜ ଜୀବନକାଳ ମଧ୍ୟରେ ବାରମ୍ବାର ବିଭିନ୍ନ ସେରୋଟାଇପ୍ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ବୃଦ୍ଧି ପାଉଛି । ଏହାର ଦୁଇଟି ପ୍ରମୁଖ ପରିଣାମ ରହିଛି । ପ୍ରଥମତଃ, ଏହା ଦ୍ୱିତୀୟ ସଂକ୍ରମଣର ସମ୍ଭାବନାକୁ ବଢାଇଥାଏ, ଯାହା ଗୁରୁତର ରୋଗର ଆଶଙ୍କା ବୃଦ୍ଧି କରେ । ଦ୍ୱିତୀୟତଃ, ଏହା ଏକାଧିକ ସେରୋଟାଇପ୍ ସହିତ ଏକାସାଙ୍ଗରେ ସଂକ୍ରମଣ ପାଇଁ ସୁଯୋଗ ସୃଷ୍ଟି କରେ, ଯାହା ନିକଟ ଅତୀତ ପର୍ଯ୍ୟନ୍ତ ଅପେକ୍ଷାକୃତ ବିରଳ ବୋଲି ବିବେଚନା କରାଯାଉଥିଲା । ନୂତନ ତଥ୍ୟ ସୂଚାଉଛି ଯେ ଭାରତରେ ଏହି ଏକାଧିକ ସଂକ୍ରମଣ ଆଉ ବିରଳ ହୋଇ ରହିନାହିଁ । ଏକାଧିକ ସେରୋଟାଇପ୍ ବହନ କରୁଥିବା ରୋଗୀଙ୍କଠାରେ ଥ୍ରୋମ୍ବୋସାଇଟୋପେନିଆ ଅର୍ଥାତ୍ ପ୍ଲେଟଲେଟ୍ ସଂଖ୍ୟା ବିପଜ୍ଜନକ ଭାବେ ହ୍ରାସ ପାଇବା, ରକ୍ତସ୍ରାବ ଜନିତ ଲକ୍ଷଣ ଏବଂ ଗମ୍ଭୀର ଗଣ୍ଠି ଯନ୍ତ୍ରଣା ଆଦି ଦେଖାଯିବାର ଆଶଙ୍କା ଅଧିକ ଥାଏ । ଯଦିଓ ଏକାଧିକ ସଂକ୍ରମଣ ସିଧାସଳଖ ଗୁରୁତର ରୋଗ ସୃଷ୍ଟି କରେ ବୋଲି ଅଧ୍ୟୟନ ସମ୍ପୂର୍ଣ୍ଣ ଭାବେ ପ୍ରମାଣିତ କରିପାରିନାହିଁ, ତଥାପି ଏହି ସମ୍ପର୍କ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ଏହା ଉପରେ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକ । ଏହା ସହିତ ଡିଇଏନ୍‌ଭି-୨, ଯାହାକି ଦେଶରେ ସର୍ବାଧିକ ଦେଖାଯାଉଛି, ତାହା ଅତୀତରେ ଭାରତ ତଥା ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ଅନେକ ଗୁରୁତର ଡେଙ୍ଗୁ ମହାମାରୀ ସହିତ ଜଡିତ ରହିଆସିଛି ।

ଦେଶରେ ଡେଙ୍ଗୁର ବ୍ୟାପକତା କିପରି ବଦଳୁଛି ତାହା ସରକାରୀ ପରିସଂଖ୍ୟାନରୁ ମଧ୍ୟ ସ୍ପଷ୍ଟ ହେଉଛି । ଜାତୀୟ ଭେକ୍ଟର ବୋର୍ଣ୍ଣ ଡିଜିଜ୍ କଣ୍ଟ୍ରୋଲ୍ ପ୍ରୋଗ୍ରାମ୍ ର ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ଭାରତରେ ୨.୮୯ ଲକ୍ଷରୁ ଅଧିକ ଡେଙ୍ଗୁ ମାମଲା ଏବଂ ୪୮୫ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଇଥିଲା, ଯାହାକି ଗତ କିଛି ବର୍ଷ ମଧ୍ୟରେ ସର୍ବାଧିକ ଥିଲା । ସେହିପରି ୨୦୨୪ ମସିହାରେ ମଧ୍ୟ ଦେଶରେ ୨.୩ ଲକ୍ଷରୁ ଅଧିକ ମାମଲା ଏବଂ ପ୍ରାୟ ୩୦୦ ମୃତ୍ୟୁ ରିପୋର୍ଟ କରାଯାଇଥିଲା । କେରଳ, ଉତ୍ତରପ୍ରଦେଶ ଏବଂ କର୍ଣ୍ଣାଟକ ଭଳି ରାଜ୍ୟଗୁଡିକରେ ସ୍ଥିତି ଅଧିକ ଉଦ୍‌ବେଗଜନକ ରହିଆସିଛି । ଗତ ଏକ ଦଶନ୍ଧି ମଧ୍ୟରେ ଭାରତରେ ଡେଙ୍ଗୁର ସ୍ୱରୂପ ବଦଳିଯାଇଛି । ଯାହା ଏକଦା କେବଳ ସହରାଞ୍ଚଳ ଏବଂ ମୌସୁମୀ ସମୟର ରୋଗ ବୋଲି ବିବେଚନା କରାଯାଉଥିଲା, ତାହା ଏବେ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ-ସହରାଞ୍ଚଳକୁ ବ୍ୟାପିବାରେ ଲାଗିଛି । ଦ୍ରୁତ ସହରୀକରଣ, ଜଳବାୟୁ ଏବଂ ବର୍ଷା ଢାଞ୍ଚାରେ ପରିବର୍ତ୍ତନ, ଜନସଂଖ୍ୟା ସ୍ଥାନାନ୍ତର ଏବଂ ମଶା ବଂଶବୃଦ୍ଧି ପାଇଁ ଅନୁକୂଳ ପରିବେଶ କାରଣରୁ ଏବେ ବର୍ଷର ଅଧିକାଂଶ ସମୟରେ ଡେଙ୍ଗୁ ମାମଲା ଦେଖିବାକୁ ମିଳୁଛି । ବିଭିନ୍ନ ପରିବେଶରେ ଏକାଧିକ ସେରୋଟାଇପ୍ ର ବ୍ୟାପକ ସଞ୍ଚାର ପ୍ରମାଣ କରୁଛି ଯେ ଏହି ଭୂତାଣୁ ନିଜର ଚେରକୁ ଆହୁରି ମଜବୁତ କରିସାରିଲାଣି ।

ଏହି ପରିପ୍ରେକ୍ଷୀରେ ଆଣବିକ ସର୍ବେକ୍ଷଣ ବା ମଲିକ୍ୟୁଲାର ସର୍ଭିଲାନ୍ସର ଗୁରୁତ୍ୱ ବହୁଗୁଣିତ ହୋଇଯାଇଛି । ନିୟମିତ ମାମଲା ରିପୋର୍ଟିଂ ବିପରୀତରେ, ଏହି ସର୍ବେକ୍ଷଣ ସଠିକ୍ ଭାବରେ ଚିହ୍ନଟ କରେ ଯେ କେଉଁ ଡେଙ୍ଗୁ ସେରୋଟାଇପ୍ ବ୍ୟାପୁଛି ଏବଂ ସମୟ ସହିତ ସେମାନଙ୍କର ବିତରଣ କିପରି ବଦଳୁଛି । ଏହି ସୂଚନା ମହାମାରୀ ଭୟଙ୍କର ରୂପ ନେବା ପୂର୍ବରୁ ଏକ ପ୍ରାରମ୍ଭିକ ଚେତାବନୀ ପ୍ରଦାନ କରିପାରିବ । ଯଦି କୌଣସି ଅଞ୍ଚଳରେ ହଠାତ୍ ଗୋଟିଏ ସେରୋଟାଇପ୍ ବଦଳରେ ଅନ୍ୟ ଏକ ସେରୋଟାଇପ୍ ବ୍ୟାପିବା ଆରମ୍ଭ କରେ, ତେବେ ସ୍ୱାସ୍ଥ୍ୟ ବିଭାଗ ରୋଗର ପ୍ରକୋପକୁ ପୂର୍ବାନୁମାନ କରି ଡାକ୍ତରଖାନାର ପ୍ରସ୍ତୁତିକୁ ମଜବୁତ କରିପାରିବ ଏବଂ ମଶା ନିୟନ୍ତ୍ରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିପାରିବ । ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଏହି ସର୍ବେକ୍ଷଣ ଏକ ସାମୟିକ ଗବେଷଣା ପରିବର୍ତ୍ତେ ଏକ ନିରନ୍ତର ଜାତୀୟ କାର୍ଯ୍ୟକ୍ରମ ହେବା ଉଚିତ୍ । ଏହା ଦ୍ୱାରା ନୂତନ ହଟସ୍ପଟ୍ ଚିହ୍ନଟ କରିବା ଏବଂ ମହାମାରୀର ପୂର୍ବାନୁମାନ ମଡେଲଗୁଡିକୁ ଉନ୍ନତ କରିବା ସମ୍ଭବ ହୋଇପାରିବ କାରଣ ଏହା ଭୌଗୋଳିକ ସ୍ତରରେ ଡେଙ୍ଗୁ ଭୂତାଣୁ କିପରି ବିବର୍ତ୍ତିତ ହେଉଛି ସେ ବିଷୟରେ ରିଅଲ୍-ଟାଇମ୍ ସୂଚନା ପ୍ରଦାନ କରିଥାଏ ।

ଏହା ବ୍ୟତୀତ ଟୀକାକରଣ କ୍ଷେତ୍ରରେ ମଧ୍ୟ ଏହି ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତର ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ଡେଙ୍ଗୁ ଟିକା ଅନ୍ତର୍ଭୁକ୍ତ ହୋଇନାହିଁ । ଯଦିଓ ନିକଟରେ ଟାକେଡା ଫାର୍ମାସ୍ୟୁଟିକାଲ୍ସର କ୍ୟୁଡେଙ୍ଗା ଭଳି କିଛି ଡେଙ୍ଗୁ ଟିକାକୁ ଭାରତରେ ଡ୍ରଗ୍ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆ (ଡିସିଜିଆଇ) ର ଅନୁମୋଦନ ମିଳିଛି, ତଥାପି ଏହାର ସାର୍ବଜନୀନ ପ୍ରୟୋଗ ଏକ ବଡ଼ ଆହ୍ୱାନ । ଗୋଟିଏ ଷ୍ଟ୍ରେନ୍ ଥିବା ଭୂତାଣୁ ତୁଳନାରେ ଡେଙ୍ଗୁ ଟିକା ପ୍ରସ୍ତୁତ କରିବା ଅଧିକ ଜଟିଳ, କାରଣ ଏକ ପ୍ରଭାବଶାଳୀ ଟିକାକୁ ଏକାସାଙ୍ଗରେ ସମସ୍ତ ଚାରୋଟି ସେରୋଟାଇପ୍ ବିରୋଧରେ ସମାନ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରିବାକୁ ପଡିବ । ଯଦି କୌଣସି ଗୋଟିଏ ସେରୋଟାଇପ୍ ବିରୋଧରେ ସୁରକ୍ଷା ଦୁର୍ବଳ ରହେ, ତେବେ ଟିକା ନେଇଥିବା ବ୍ୟକ୍ତିମାନେ ସେହି ଷ୍ଟ୍ରେନ୍ ଦ୍ୱାରା ସଂକ୍ରମିତ ହେବାର ଆଶଙ୍କା ରହିବ । ନୂତନ ଅଧ୍ୟୟନ ଏହା ସ୍ପଷ୍ଟ କରୁଛି ଯେ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ସକ୍ରିୟ ସେରୋଟାଇପ୍ ଗୁଡିକର ନିରନ୍ତର ନିରୀକ୍ଷଣ କିପରି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯିବ । ପ୍ରମୁଖ ସେରୋଟାଇପ୍ ରେ ପରିବର୍ତ୍ତନ ସମୟ ସହିତ ଟିକାର କାର୍ଯ୍ୟକାରିତା ଏବଂ ମହାମାରୀର ତୀବ୍ରତାକୁ ପ୍ରଭାବିତ କରିପାରେ । ତେଣୁ ଥରେ ମାତ୍ର ଟିକାକରଣ ନୀତି ଆପଣାଇବା ପରିବର୍ତ୍ତେ ଭାରତକୁ ଏକ ନିରନ୍ତର ସର୍ବେକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିଛି, ଯାହା ଅନେକ ଦେଶରେ ଇନ୍‌ଫ୍ଲୁଏଞ୍ଜା ସର୍ବେକ୍ଷଣ ଭଳି ଟୀକାକରଣ ନୀତିକୁ ମାର୍ଗଦର୍ଶନ କରିପାରିବ ।

ପରିଶେଷରେ ଏହା ସ୍ପଷ୍ଟ ଯେ ଭାରତର ଡେଙ୍ଗୁ ସମସ୍ୟା ଏବେ କେବଳ ମଶାମାନଙ୍କ ସଂଖ୍ୟା ଉପରେ ନିର୍ଭରଶୀଳ ନୁହେଁ । ଏହା କ୍ରମାଗତ ଭାବରେ ଭୂତାଣୁର ବିବର୍ତ୍ତନ, ମାନବ ରୋଗ ପ୍ରତିରୋଧକ ଶକ୍ତି ଏବଂ ବଦଳୁଥିବା ସଂକ୍ରମଣ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହେଉଛି । ବିଭିନ୍ନ ପରିବେଶରେ ଏକାଧିକ ସେରୋଟାଇପ୍ ର ବ୍ୟାପକ ସଞ୍ଚାର ପ୍ରମାଣ କରୁଛି ଯେ ଏହି ଭୂତାଣୁ ନିଜର ଚେରକୁ ଆହୁରି ମଜବୁତ କରିସାରିଲାଣି । ଏହି ଜଟିଳ ଆହ୍ୱାନର ମୁକାବିଲା ପାଇଁ କେବଳ ପାରମ୍ପରିକ ମଶା ନିୟନ୍ତ୍ରଣ ପଦ୍ଧତି ଯଥେଷ୍ଟ ନୁହେଁ । ଏହା ବଦଳରେ ଉନ୍ନତ ଆଣବିକ ସର୍ବେକ୍ଷଣ, ସଠିକ୍ ତଥ୍ୟ ଭିତ୍ତିକ ନୀତି ନିର୍ଦ୍ଧାରଣ, ଜନସଚେତନତା ଏବଂ ଭବିଷ୍ୟତର ଟୀକାକରଣ ରଣନୀତି ଉପରେ ଗୁରୁତ୍ୱ ଦେବାର ସମୟ ଆସିଯାଇଛି । ଏହି ବଢୁଥିବା ଜନସ୍ୱାସ୍ଥ୍ୟ ବିପଦକୁ ସଫଳତାର ସହ ମୁକାବିଲା କରିବା ପାଇଁ ଏକ ସୁଚିନ୍ତିତ, ବୈଜ୍ଞାନିକ ତଥା ଦୀର୍ଘମିଆଦୀ ଦୃଷ୍ଟିକୋଣର ନିତାନ୍ତ ଆବଶ୍ୟକତା ରହିଛି ଯାହାଦ୍ୱାରା ଆଗାମୀ ଦିନରେ ଡେଙ୍ଗୁ ଜନିତ ମୃତ୍ୟୁ ଏବଂ ସଂକ୍ରମଣକୁ ରୋକାଯାଇପାରିବ ।



# ବନ୍ୟାଞ୍ଚଳରେ ଶିଶୁରୋଗ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

'ଜଳ ବହୁଳେ ସୃଷ୍ଟି ନାଶ' ଏହି ଉକ୍ତିଟି ସଚରାଚର ବିଦିତ, ଯେପରି ବଗିଚାର ଛୋଟ ଚାରା ଗଛଟିଏ ଅଧିକ ଗ୍ରୀଷ୍ମରେ ଝାଉଁଳି ପଡ଼େ ଓ ଅଧିକ ବର୍ଷାରେ ଗଛର ମୂଳଟି ପଚିଯାଏ ଓ ନଷ୍ଟ ହୋଇଯାଏ । ସେହିପରି ଶିଶୁମାନେ ବନ୍ୟା ସମୟରେ ଅଧିକ ରୋଗାକ୍ରାନ୍ତ ହୋଇଥାନ୍ତି, ଜଳର ବହୁଳତା ନଦୀପୁଷ୍କରିଣି ନର୍ଦ୍ଦମାଜଳ ସମସ୍ତଙ୍କୁ ଏକାକାର କରି ଦେଇଥାଏ । ଦୂଷିତ ଜଳ ପାନ ଓ ବ୍ୟବହାର, ପରିଷ୍କାର ପରିଚ୍ଛନ୍ନତାର ଅଭାବ, ମଶା, ମାଛି, ଅନ୍ୟାନ୍ୟ କୀଟ, ଜୋକ, ସାପ, କୁମ୍ଭୀର, ବିଛା ଓ କଲେରା, ଟାଇଫଏଡ୍, ଆମାଶୟର ଜୀବାଣୁ, ଡେଙ୍ଗୁ, ଇନ୍‌ଫ୍ଲୁଏଞ୍ଜା, ଚିକେନ୍ ଗୁନିଆର ଭୂତାଣୁ । ଜିଆ, ଜିଆଡ଼ିଆ, ଫିତା କୃମି, ପରି ପାରାସାଇଟ୍ । ପଚା ଜୀବଜନ୍ତୁଙ୍କ ଶବ, ପଚାଗଛପତ୍ର, ପଚା ଶସ୍ୟ ଖାଦ୍ୟ ପଦାର୍ଥ ଶିଶୁମାନଙ୍କର ହସଭରା ଦୁନିଆକୁ ଏକ ରୁଗ୍ଣ, ଦୁଃଖଭରା, ଅସହାୟ ଅବସ୍ଥାକୁ ପରିବର୍ତ୍ତିତ କରି ଦେଇଥାଏ । ଗୃହର ଚତୁପାର୍ଶ୍ୱରେ ଜଳ ଜମିରହିବା ହେତୁ ଜଳରେ ବୁଡ଼ିଯିବା ଇତ୍ୟାଦି ଦୁର୍ଘଟଣା ଭୟ ରହିଥାଏ । ରାସ୍ତାଘାଟରେ କାଦୁଅ ଓ ଗଛ ଇତ୍ୟାଦି ପଡ଼ିରହିବା ହେତୁ ମଧ୍ୟ ଦୁର୍ଘଟଣା ହୋଇଥାଏ ।

ଶିଶୁମାନଙ୍କ ପାଇଁ ବନ୍ୟାଞ୍ଚଳରେ ପ୍ରଧାନ ବିଷଦ ତରଳ ଝାଡ଼ା କାରଣ ସର୍ବତ୍ର ଜଳ ଥିଲେ ମଧ୍ୟ ବିଶୁଦ୍ଧ ପାନୀୟ ଜଳର କୃପାର ଅଭାବ ପରିଲକ୍ଷିତ ହୁଏ । ତେଣୁ ଶିଶୁମାନଙ୍କ ପାଇଁ ବିଶେଷ ଅଗ୍ରାଧିକାର ଭିତ୍ତିରେ ବିଶୁଦ୍ଧ ପାନୀୟ ଜଳର ପ୍ରୟୋଜନ ରହିଛି, କଲେରା, ଟାଇଫଏଡ୍, ତରଳଝାଡ଼ା, ରକ୍ତ ଆମାଶୟ ହେପାଟାଇଟିସଏ, ଜିଆ, ଜିଆଡ଼ିଆ ଲେପ୍ଟୋସ୍ପାଇରୋସିସ୍ ରୋଗ ଶିଶୁମାନଙ୍କ କ୍ଷେତ୍ର ଦୂଷିତ ଜଳ ହେତୁ ଦେଖାଯାଇଥାଏ ।

ବିଭିନ୍ନ ସ୍ଥାନରେ ଜଳ ଜମି ରହିବା ହେତୁ ସେଠାରେ ମଶାର ବଂଶ ବୃଦ୍ଧି ହୋଇଥାଏ ଯାହାକି ଡେଙ୍ଗୁ, ମାଲେରିଆ, ଚିକେନ୍ ଗୁନିଆ ପ୍ରାୟ ବନ୍ୟାର ଛରୁ ଆଠ ସପ୍ତାହ ପରେ ମାଲେରିଆର ପ୍ରଦୁର୍ଭାବ ଦେଖାଯାଇଥାଏ । ଏହା ବ୍ୟତୀତ ଟନସିଲାଇଟିସ୍, ଚକ୍ଷୁ ପ୍ରଦାହ, ଦେହରେ ଘା ହେବା, କର୍ଣ୍ଣ ପ୍ରଦାହ ଇତ୍ୟାଦି ବନ୍ୟା ସମୟର ଶିଶୁରୋଗ ମାନ ଦେଖାଦିଏ । ଲେପୋସ୍ପାଇରାସିସ୍, ଏକ କ୍ଷୁଦ୍ର ନନପାଇଲେକିଟ କ୍ଷୁଦ୍ର ଜୀବାଣୁ ଯାହାକି ମୂଷା, କୁକୁର, ପରିସ୍ରା ଦ୍ୱାରା ନିର୍ଗତ ହୋଇଯାଏ । ଏଗୁଡ଼ିକ ଦେହର ଘା କିମ୍ବା କ୍ଷତ ଦ୍ୱାରା ଶରୀର ମଧ୍ୟକୁ ପ୍ରବେଶ କରିଥାଏ । ଶିଶୁମାନଙ୍କ ଦେହକୁ ପୋଷା ଜୀବ ହେତୁ ହୋଇଥାଏ । ଆମ ରାଜ୍ୟ ଓଡ଼ିଶାରେ ମହାବାତ୍ୟା ସମୟରେ ୨୯ ଅକ୍ଟୋବର ୧୯୯୯ରେ ଲେପ୍ଟୋସ୍ପାଇରୋସିସ୍ ଦେଖା ଦେଇଥିଲା । ଏହି ରୋଗ ପ୍ରବଳ ବର୍ଷା, ବନ୍ୟା ହେତୁ ହୋଇଥାଏ । ଏହା ଏକ କ୍ଷୁଦ୍ର କୀଟାଣୁ (ସ୍ପାଇରୋକିଟ୍ ଦ୍ୱାରା ହୋଇଥାଏ) ଜ୍ୱର, ଜଣ୍ଡିସ, ରକ୍ତସ୍ରାବ ଲିଭର ଓ କିଡ୍‌ନି ଏହି ରୋଗରେ ଆକ୍ରାନ୍ତ ହୋଇଥାଏ । ଏହାକୁ ୱେଲସ୍ ଡିଜିଜ୍ ମଧ୍ୟ କୁହାଯାଏ ।

ବିଦ୍ୟୁତ ଆଲୋକର ଅଭାବ ଓ ଜାଳେଣିର ଅଭାବ ଖାଦ୍ୟ ପାନୀୟ ଉଷ୍ଣତା ସମସ୍ତର ଅସୁବିଧା କରାଇଥାଏ । ସମୟ ସମୟରେ ଶିଶୁକୁ ଥଣ୍ଡା ହେତୁ ସନ୍ନିପାତ ହୋଇଥାଏ । ପ୍ରତିଷେଧକ ବ୍ୟବସ୍ଥା : ଜଳକୁ କ୍ଲୋରିନେସନ ପଦ୍ଧତିରେ ବିଶୁଦ୍ଧ କରାଯାଇ ପାରେ କୂପ ଓ ଟ୍ୟୁବ୍‌ୱେଲର ଜଳକୁ ବ୍ଲିଚିଂ ପାଉଡ଼ର ଦ୍ୱାରା ଓ କମ୍ ପାଣିକୁ ହୋଲେଜେନ୍ ବଟିକା ଦ୍ୱାରା ବିଶୁଦ୍ଧ କରାଯାଇଥାଏ । ଏହି ପଦ୍ଧତିରେ ୯୯.୯୯% ଜୀବାଣୁ ଓ ଭୂତାଣୁ ଦୂର ହୋଇଥାନ୍ତି । ଟୀକା ଦ୍ୱାରା ମଧ୍ୟ କିଛି ରୋଗକୁ ପ୍ରତିରୋଧ କରି ହେବ ଏଗୁଡ଼ିକ ହେଲା ହେପାଟାଇଟିସ୍ ଏ ଟୀକା କଲେରା ଟୀକା (ଓରାଲ କଲେରା ଟୀକା) ମିଳୁଅଛି । ଇନ୍‌ଫ୍ଲୁଏଞ୍ଜା ଟୀକା ଦିଆଯାଇପାରେ । ମଶାରୀ ବ୍ୟବହାର ବିଶେଷକରି ଔଷଧ ବୁଡ଼ା ମଶାରୀ ଅତ୍ୟନ୍ତ ଉପକାରୀ । ସ୍ୱାସ୍ଥ୍ୟ ସଚେତନତା ସମସ୍ତଙ୍କୁ ଦେବା ଫଳରେ ଲୋକେ ସତର୍କ ହୋଇ ଥାନ୍ତି ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତି । ଏଣେତେଣେ ପଡ଼ିରହିଥିବା ପଶୁ ଓ ଶବକୁ ପୋତି ଦେବା କିମ୍ବା ପୋଡ଼ି ଦେବା ଭଲ । ଶିଶୁମାନଙ୍କୁ ପୋଷା କୁକୁର ଓ ବିଲେଇକୁ କୋଳରେ ଧରିବା କିମ୍ବା ଗେହ୍ଲା କରିବା ବାରଣ କରିବା ଉଚିତ । ଆମର ସାମାନ୍ୟତମ ପ୍ରଚେଷ୍ଟା ଦ୍ୱାରା ଅନେକ ଶିଶୁରୋଗକୁ ପ୍ରତିରୋଧ କରିପାରିବା । ଏତଦ୍‌ବ୍ୟତୀତ ସରକାରଙ୍କ ସ୍ୱତନ୍ତ୍ର ଭ୍ରାମ୍ୟମାଣ ଚିକିତ୍ସକଦଳ ଏହି ବନ୍ୟାପ୍ରପୀଡ଼ିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସହାୟତା ମଧ୍ୟ ଦେଉଛନ୍ତି । କୌଣସି ପରିସ୍ଥିତିରେ ପିଲାଟିର ଦେହକୁ ଅଣଦେଖା କରନ୍ତୁ ନାହିଁ କିମ୍ବା ତୁଟ୍‌କା ଚିକିତ୍ସାକୁ ଗ୍ରହଣ କରନ୍ତୁ ନାହିଁ । କାରଣ ଏହାଦ୍ୱାରା ପିଲାଟିର ସ୍ୱାସ୍ଥ୍ୟଅବସ୍ଥା ଅଧିକ ଖରାପ ହୋଇପାରେ । ପିଲାଟିର ଚିକିତ୍ସା କ୍ଷେତ୍ରରେ ଡାକ୍ତରଖାନାର ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ହିଁ ସବୁଠୁ ଜରୁରୀ ।

+ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ, ଫକୀରମୋହନ
ମେଡ଼ିକାଲ କଲେଜ, ବାଲେଶ୍ୱର,
ମୋ: ୯୪୩୭୧୨୪୦୭୪



# ସଙ୍କଟରେ ନାରୀ ସ୍ୱାଧୀନତା

**ମିଲନ କୁମାର ମିଶ୍ର**

ଆଧୁନିକ ସମାଜରେ ନାରୀ ସଶକ୍ତିକରଣ, ସମାନ ଅଧିକାର ଏବଂ ସ୍ୱାଧୀନତାକୁ ନେଇ ବ୍ୟାପକ ଆଲୋଚନା ହେଉଥିବା ସତ୍ତ୍ୱେ, ବାସ୍ତବ ଚିତ୍ର ଅନେକ କ୍ଷେତ୍ରରେ ଉଦ୍‌ବେଗଜନକ । ଶିକ୍ଷା, କର୍ମକ୍ଷେତ୍ର, ରାଜନୀତି, ବିଜ୍ଞାନ ଓ କ୍ରୀଡ଼ା ଭଳି ବିଭିନ୍ନ କ୍ଷେତ୍ରରେ ନାରୀମାନେ ସଫଳତାର ନୂଆ ଇତିହାସ ରଚନା କରୁଥିବା ବେଳେ, ସେମାନଙ୍କ ସ୍ୱାଧୀନତା ଓ ସୁରକ୍ଷାକୁ ନେଇ ଅନେକ ପ୍ରଶ୍ନ ଆଜି ମଧ୍ୟ ଉଠୁଛି । ଏହି ପରିପ୍ରେକ୍ଷୀରେ ପ୍ରକୃତ ନାରୀ ସ୍ୱାଧୀନତା ପ୍ରସଙ୍ଗଟି ସମକାଳୀନ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଚର୍ଚ୍ଚାର ବିଷୟ ପାଲଟିଛି । ଭାରତୀୟ ସମ୍ବିଧାନ ନାରୀ ଓ ପୁରୁଷଙ୍କୁ ସମାନ ଅଧିକାର ପ୍ରଦାନ କରିଥିଲେ ମଧ୍ୟ, ସାମାଜିକ ବାସ୍ତବତା ଅନେକ ସମୟରେ ଏହାର ବିପରୀତ ଚିତ୍ର ଦେଖାଇଥାଏ । ଆଜି ମଧ୍ୟ ଅନେକ ନାରୀ ନିଜ ଶିକ୍ଷା, ପେଶା, ବିବାହ କିମ୍ବା ଜୀବନଶୈଳୀ ସମ୍ବନ୍ଧୀୟ ନିଷ୍ପତ୍ତି ସ୍ୱାଧୀନ ଭାବରେ ନେବାର ସୁଯୋଗ ପାଉନାହାନ୍ତି । ପରିବାର, ସମାଜ ଓ ପାରମ୍ପରିକ ମାନସିକତା ଅନେକ ସମୟରେ ସେମାନଙ୍କ ସ୍ୱାଧୀନ ଚିନ୍ତା ଓ ପସନ୍ଦ ଉପରେ ଅଦୃଶ୍ୟ ପ୍ରତିବନ୍ଧକ ସୃଷ୍ଟି କରୁଛି ।

ସମ୍ପ୍ରତି ଦେଶର ବିଭିନ୍ନ ସ୍ଥାନରେ ନାରୀ ନିର୍ଯାତନା, ଯୌନ ଉତ୍ପୀଡ଼ନ, ସାଇବର ହିଂସା ଏବଂ କର୍ମକ୍ଷେତ୍ରରେ ବୈଷମ୍ୟ ସମ୍ବନ୍ଧୀୟ ଘଟଣା ବୃଦ୍ଧି ପାଉଥିବା ଦେଖାଯାଉଛି । ସୋସିଆଲ ମିଡ଼ିଆର ବିସ୍ତାର ନାରୀମାନଙ୍କ ପାଇଁ ମତପ୍ରକାଶର ନୂଆ ମଞ୍ଚ ସୃଷ୍ଟି କରିଥିଲେ ମଧ୍ୟ, ସେହି ମାଧ୍ୟମ ଅନେକ ସମୟରେ ଟ୍ରୋଲିଂ, ଚରିତ୍ର ହନନ ଓ ମାନସିକ ଉତ୍ପୀଡ଼ନର କାରଣ ହୋଇପଡୁଛି । ଫଳରେ ଅନେକ ନାରୀ ନିଜର ମତ ପ୍ରକାଶ କରିବାକୁ ସଙ୍କୋଚ ବୋଧ କରୁଛନ୍ତି ।

ଅନ୍ୟପକ୍ଷରେ, ନାରୀ ସ୍ୱାଧୀନତାକୁ କେବଳ ପୋଷାକ, ଚଳଣି କିମ୍ବା ଆଧୁନିକ ଜୀବନଶୈଳୀ ମଧ୍ୟରେ ସୀମିତ କରି ଦେଖିବାର ପ୍ରବୃତ୍ତି ମଧ୍ୟ ଦେଖାଯାଉଛି । ପ୍ରକୃତ ଅର୍ଥରେ ନାରୀ ସ୍ୱାଧୀନତା ହେଉଛି ନିଜର ଜୀବନ ସମ୍ବନ୍ଧୀୟ ନିଷ୍ପତ୍ତି ନେବାର ଅଧିକାର, ସୁରକ୍ଷିତ ପରିବେଶରେ ବଞ୍ଚିବାର ସୁଯୋଗ, ଆର୍ଥିକ ସ୍ୱାବଲମ୍ବନ ଏବଂ ସମାଜରେ ସମ୍ମାନର ସହିତ ବଞ୍ଚିବାର ଅଧିକାର । ସ୍ୱାଧୀନତାର ଅର୍ଥ ସ୍ୱେଚ୍ଛାଚାରିତା ନୁହେଁ, ବରଂ ଦାୟିତ୍ୱବୋଧ ସହିତ ନିଜ ଅଧିକାରର ପ୍ରୟୋଗ । ଦୃଷ୍ଟାନ୍ତ ସ୍ୱରୂପ, ନିକଟ ଅତୀତରେ ଅନେକ ନାରୀ ଉଦ୍ୟୋଗୀ, ବୈଜ୍ଞାନିକ, ପ୍ରଶାସକ, କ୍ରୀଡ଼ାବିତ୍ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ନିଜ ପ୍ରତିଭା ଓ ପରିଶ୍ରମ ବଳରେ ସଫଳତାର ଶିଖର ଛୁଇଁଛନ୍ତି । ଗ୍ରାମାଞ୍ଚଳରେ ମଧ୍ୟ ଅନେକ ମହିଳା କୃଷି, କ୍ଷୁଦ୍ର ଉଦ୍ୟୋଗ ଓ ସାମାଜିକ ନେତୃତ୍ୱ ମାଧ୍ୟମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏହା ପ୍ରମାଣ କରେ ଯେ ସୁଯୋଗ ଓ ସହଯୋଗ ମିଳିଲେ ନାରୀମାନେ କୌଣସି କ୍ଷେତ୍ରରେ ପଛରେ ନାହାନ୍ତି ।

ତେଣୁ ନାରୀ ସ୍ୱାଧୀନତାର ସୁରକ୍ଷା ପାଇଁ କେବଳ ଆଇନ ପ୍ରଣୟନ ଯଥେଷ୍ଟ ନୁହେଁ; ବରଂ ସାମାଜିକ ଚେତନା, ଲିଙ୍ଗ ସମାନତା ପ୍ରତି ସକାରାତ୍ମକ ମନୋଭାବ ଏବଂ ପରିବାର ସ୍ତରରୁ ସଚେତନତା ସୃଷ୍ଟି କରିବା ଆବଶ୍ୟକ । ଶୈଶବାବସ୍ଥାରୁ ପୁଅ ଓ ଝିଅ ଉଭୟଙ୍କ ମନରେ ପାରସ୍ପରିକ ସମ୍ମାନ ଓ ସମାନତାର ମୂଲ୍ୟବୋଧ ବିକଶିତ କରିବା ସମୟର ଆବଶ୍ୟକତା । ତେବେ ଏତିକି କୁହାଯାଇ ପାରେ ଯେ, ନାରୀ ସ୍ୱାଧୀନତା କେବଳ ନାରୀମାନଙ୍କର ପ୍ରସଙ୍ଗ ନୁହେଁ; ଏହା ଏକ ସୁସ୍ଥ, ସଭ୍ୟ ଓ ପ୍ରଗତିଶୀଳ ସମାଜର ପରିଚାୟକ । ଯେପର୍ଯ୍ୟନ୍ତ ନାରୀମାନେ ନିର୍ଭୟ, ସମ୍ମାନଜନକ ଓ ସ୍ୱାଧୀନ ପରିବେଶରେ ବଞ୍ଚିବାର ଅଧିକାର ପାଇନାହାନ୍ତି, ସେପର୍ଯ୍ୟନ୍ତ ପ୍ରକୃତ ଅର୍ଥରେ ସମାଜର ବିକାଶ ସମ୍ଭବ ନୁହେଁ । ନାରୀ ସ୍ୱାଧୀନତାର ସୁରକ୍ଷା ହିଁ ଏକ ସମତାଭିତ୍ତିକ ଓ ମାନବିକ ସମାଜ ଗଠନର ମୂଳ ଆଧାର ।

+ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର୍ ଶାସନ, କେନ୍ଦୁଝର
ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭



# ମିଛ ମାୟା ସଂସାର

**ଆଶୁତୋଷ ନାୟକ**

ଏ ବିଶ୍ୱବ୍ରହ୍ମାଣ୍ଡରେ ମନୁଷ୍ୟ ସବୁଠୁ ବୁଦ୍ଧିମାନ, ରୂପରେ ବିଦ୍ୟାରେ ସର୍ବଗୁଣସମ୍ପର୍ଣ୍ଣ ଭାବେ ନିଜକୁ ପ୍ରମାଣିତ କରିବାର ସମସ୍ତ ସାମର୍ଥ ତା ପାଖରେ ରହିଛି । ଆମ ହିନ୍ଦୁ ଶାସ୍ତ୍ରରେ ବର୍ଣ୍ଣିତ ମନୁଷ୍ୟ ଜୀବନ ଅତ୍ୟନ୍ତ ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶ୍ରେଷ୍ଠ,ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/୨ ରେ ଏହା ବର୍ଣିତ ଅଛି, 'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।

ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ । ଗୋଟିଏ ସହରରେ ଜଣେ ଧନୀ ବ୍ୟବସାୟୀ ରହୁଥିଲେ । ସମସ୍ତେ ତାଙ୍କୁ ଶଙ୍କର ସେଠ ବୋଲି ଡାକୁଥିଲେ । ତାଙ୍କର ଅମାପ ସମ୍ପତ୍ତି ଥିଲା, ପୁଳା ପୁଳା ଟଙ୍କା ଥିଲା, ସୁନା, ହୀରା, ମୋତି ମାଣିକରେ ପରିପୂର୍ଣ୍ଣ ଥିଲା ତାଙ୍କର ଗୃହ । ପୂର୍ବକାଳର ରାଜାମହାରାଜାଙ୍କ ପରି ତାଙ୍କର ସୁରମ୍ୟ ଅଟ୍ଟାଳିକା ଥିଲା । ତାଙ୍କର ଅନେକ ପତିଆରା ଥିଲା । ତାଙ୍କର ଅର୍ଥବଳ, ବାହୁବଳ, କ୍ଷମତା ପାଇଁ ମନରେ ଅହଂକାର ରହିଥିଲା । ସେ ଅର୍ଥ ଏବଂ ପତ୍ନୀଙ୍କୁ ନିଜର ପ୍ରାଣ ଠାରୁ ଅଧିକ ଭଲ ପାଉଥିଲେ । ସେ ନାସ୍ତିକ ଥିଲେ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବାରମ୍ବାର ପ୍ରଶ୍ନ ଉଠାଉଥିଲେ । ସେ ଯେକୌଣସି ଉପାୟରେ କଳେବଳେ କୌଶଳରେ ଅନ୍ୟାୟ, ଅନୀତି ଉପାୟରେ ଅର୍ଥ ଉପାର୍ଜନ କରିବାକୁ ମଧ ପଛଘୁଞ୍ଚା ଦେଉନଥିଲେ । ସେ ଏବଂ ତାଙ୍କର ପତ୍ନୀ ବିଳାସବ୍ୟସନରେ ନିଜର ସମୟ ଅତିବାହିତ କରୁଥିଲେ । ଧନୀ ବ୍ୟବସାୟୀଙ୍କ ପତ୍ନୀ ଦିନେ ଶରୀରରେ ଅସୁସ୍ଥତା ଅନୁଭବ କଲେ । ସେ ଏମିତି ଏକ ଦୂରାରୋଗ୍ୟରେ ପୀଡିତ ହେଲେ ଯେ କୌଣସି ଔଷଧ ତାଙ୍କୁ କାଟୁକଲା ନାହିଁ । ଅନେକ ବଡ଼ ବଡ଼ ଚିକିତ୍ସକ ମଧ୍ୟ ତାଙ୍କୁ ସୁସ୍ଥ କରିପାରିଲେ ନାହିଁ । ଶେଷରେ ଧନୀ ବ୍ୟବସାୟୀ ଶଙ୍କର ସେଠ ନିଜର ପତ୍ନୀଙ୍କ ଚିକିତ୍ସା ପାଇଁ ତାଙ୍କୁ ଆମେରିକା ନେଇଗଲେ । ତାଙ୍କୁ ସୁସ୍ଥ କରିବା ପାଇଁ ବଡ଼ ବଡ଼ ଚିକିତ୍ସକଙ୍କ ସ୍ୱତନ୍ତ୍ର ଟିମ ଗଠନ କରାଗଲା ଯେଉଁଥିରେ ଦଶରୁ ଅଧିକ ଚିକିତ୍ସକ ରହିଥିଲେ । ଆମେରିକାର ସବୁଠୁ ବଡ଼ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଗଲା । ୩ମାସରୁ ଅଧିକ ସମୟ ଧନୀ ବ୍ୟବସାୟୀ ପତ୍ନୀଙ୍କ ଚିକିତ୍ସା କରାଗଲା ସେ ଧୀରେ ଧୀରେ ସୁସ୍ଥ ହେଲେ । କିନ୍ତୁ ସେ ଧନୀ ବ୍ୟବସାୟୀଙ୍କ ଭାଗ୍ୟର ବିଡମ୍ବନା ଏହିକି ଯାହାକିଛି ଅର୍ଥ, ଧନ ସମ୍ପତ୍ତି ଅର୍ଜନ କରିଥିଲେ ନିଜର ଜୀବନ କାଳ ମଧ୍ୟରେ ସେ ସମସ୍ତ ଅର୍ଥ ପତ୍ନୀଙ୍କ ଚିକିତ୍ସାରେ ଖର୍ଚ୍ଚ ହେଇଗଲା । ତାଙ୍କର ପରିସ୍ଥିତି ଏତେ ଜଟିଳ ହେଇଗଲା ଯେ ସେ ଋଣ ଭାରରେ ଭାରାକ୍ରାନ୍ତ ହେଇଗଲେ ନିଜକୁ ଅସହାୟ ମନେକଲେ । ଶଙ୍କର ସେଠ ଦୁଃଖରେ ମ୍ରିୟମାଣ ହୋଇଗଲେ ତାଙ୍କର ହୃଦୟ ଫାଟି ପଡ଼ିଲା ଯେତେବେଳେ ନିଜର ପ୍ରାଣଠାରୁ ଅଧିକ ଭଲ ପାଉଥିବା ପତ୍ନୀ ତାଙ୍କ ଠାରୁ ସମସ୍ତ ସମ୍ପର୍କ ବିଚ୍ଛିନ୍ନ କରି ଆଉ ଜଣେ ବିରାଟ ଧନୀ ବ୍ୟବସାୟୀଙ୍କୁ ବିବାହ କଲେ । ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବାରମ୍ବାର ପ୍ରଶ୍ନ କରୁଥିବା ଶଙ୍କର ସେଠ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତଙ୍କ ସମ୍ପୂର୍ଣ ସମର୍ପିତ ହେଲେ ଯେତେବେଳେ ତାଙ୍କ ପତ୍ନୀଙ୍କଠାରୁ ତାଙ୍କୁ ଛଳନା, ପ୍ରତାରଣା, ଲାଞ୍ଛନା, ନିନ୍ଦା, ଅପବାଦ ମିଳିଲା ଅନୁତାପର ନିଆଁ ରେ ସେ ଜଳିବାକୁ ଲାଗିଲେ ଆଉ ସେ ପ୍ରତିଜ୍ଞା କଲେ ବଞ୍ଚିଥିବା ପ୍ରଯ୍ୟନ୍ତ ମହାପ୍ରଭୁ କାଳିଆ ସାଆନ୍ତଙ୍କ ସେବାରେ ନିଜର ଜୀବନକୁ ଉତ୍ସର୍ଗ କରିବେ । ସେଥିପାଇଁ କୁହାଯାଏ

'ମିଛମାୟା ସଂସାର
ଏଠି କେହି ନୁହେଁ କାହାର
ଏକା ଚକାଆଖି ନିଜର ।

+ଗୋପାଳପୁର,ବାଲେଶ୍ୱର
ମୋ:୭୦୨୦୬୧୧୩୦୦

କବିତା କୋଣାର୍କ

## ଅଭିଶପ୍ତ ଜୀବନ

**ଡ଼ଃ ବେଣୁଧର ସୂତାର**



ଧରା ପରେ ସାଜିଛି ଜୀବନ
ଯନ୍ତ୍ରଣାର ଭିନ୍ନ ଏକ ସ୍ୱର
ସଭ୍ୟତା ର ଅନ୍ତରାଳେ
ସତେ କିବା ମୃତ୍ୟୁର ଗହ୍ୱର
ଅବିଶ୍ୱାସର ଅଗ୍ନି ବଳୟରେ
ଅସହାୟ ଭରା ଆତୁର ଆର୍ତ୍ତନାଦ ।
ଜୀବନର ଗଣିତ ଖାତାରେ
ପୁଳା ପୁଳା ପାପର ପସରା
ଆତ୍ମ ଅହମିକାର ଅନ୍ଧ ଗଳିରେ
କାମନାର ଉତ୍ତୁଙ୍ଗ ଶିଖରେ
ପୈଶାଚିକ ଭୋଗର ଲାଳସା ।
ନୈରାଶ୍ୟର ନୀଳନଦୀ ତୀରେ
ଛଟପଟ ଭୋକିଲାର ଭାଗ୍ୟ
ପ୍ରତାରଣାର ଅନ୍ତିମ ସୋପାନେ
ଉଭା ଆଜି ମାନବ ସଭ୍ୟତା ।
ଆତଙ୍କିତ ଆତଙ୍କ ଭୂମିରେ
ଅସହାୟ ଜୀବନେ ସ୍ୱପ୍ନର ଭଗ୍ନାଂଶ
ସଂତ୍ରାସବାଦର ପ୍ରଲମ୍ବିତ
ଶ୍ୱେନ ଦୃଷ୍ଟିପଥେ
ହତଭାଗ୍ୟ ଆୟୁଷରେ ଲେଖା
ରକ୍ତ ଭିଜା ଜୀବନ କାହାଣୀ ।
ନୀଳବର୍ଣ୍ଣ ଶୃଗାଳର ସିଂହାସନ ମୋହ
ମିଥ୍ୟା ପ୍ରବଞ୍ଚନାରେ ଉଚ୍ଛଳ ମାନସ
ତ୍ୟାଗର ଖୋଳପା ତଳେ
ଭୋଗର କ୍ରୁର କାମନା ବଳେ
ଅପତ୍ୟର ଅଣଦେଖା
ଦାମ୍ପତ୍ୟରେ ଫାଟ ।
ନିଦାରୁଣ ନିଃସଙ୍ଗ, ନିଃସ୍ୱ
ଅଭିଶପ୍ତ ଏ ଜୀବନ
ଶକୁନିର ପଶାପାଲି ତଳେ
ସତେଅବା ଦ୍ରୌପଦୀର ଭାଗ୍ୟ
ସମୟର ଉପାନ୍ତରେ
ମୃତ୍ୟୁ ନଦୀ ତୀରେ ତୀରେ
ଆକୁଳ ପ୍ରତୀକ୍ଷା କରେ
ଅଭିଶପ୍ତ ଏ ଜୀବନ ବିଶେଷ ।

+କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬

## ଜୀବନକୁ ଭରଷା ନାହିଁ

**ପ୍ରଶାନ୍ତ ବ୍ରହ୍ମା**

ନିଃଶ୍ୱାସକୁ ନାହିଁ ଆଉ ଯେ ବିଶ୍ୱାସ
ଦିନ ଯିବ କେବେ ଗଡ଼ି
ହାତ ଠାରି ଡାକେ ମୃତ୍ୟୁର ସେଜଟି
ହୋଇଥା ରହି ସଜାଡି ।

ସାରୁ ପତରରେ ବନ୍ଧା ଏ ଜୀବନ
ସାଇତି ରଖିଛି ସେହି
ଜ୍ୟୋତିଷ ଡକାଇ ଗଣନା କରୁଛି
ଶାନ୍ତିରେ ରହିବା ପାଇଁ ।

ମୁଣ୍ଡରେ ଝୁଲୁଛି ମରଣର ଖଣ୍ଡା
ବୁଝିବି ବୁଝୁନି ମନ
ଭବିଷ୍ୟତ କଥା ଚିନ୍ତା କରି କରି
ବସି କାଟୁଥାଏ ଦିନ ।

ବଞ୍ଚିବାକୁ ସିଏ ମନେ ବାନ୍ଧେ ଆଶା
ଚାଲିଛି ପୁରୁଣା ଧାରା
ମରଣ ଡାକୁଛି କୋଉଠି ଅଛୁରେ
ପଡ଼ିବୁ ଦିନେ ତୁ ଧରା ।

ଆସିଥିଲୁ ଖାଲି ଯିବୁତୁରେ ଖାଲି
ନେବୁ ତୁ ଅର୍ଜିତ ଫଳ
ମିଛେ ଖାଲି ସିନା ହୋଇ ଛଟପଟ
କରୁଥାଉ ନିତି ଖେଳ ।

ମୃତ୍ୟୁହିଁଯେ ସତ୍ୟ ଆସିବ ନିଶ୍ଚିତ
ଏଥିରେ ସନ୍ଦେହ ନାହିଁ
ତଥାପି ମନରେ ଭୟ ଆସୁଥାଏ
ଥରୁଟେ ମରିବା ପାଇଁ ।

+ପଳାଶପୁର
ଖୋର୍ଦ୍ଧା

# ସ୍ୱାଧୀନତା

## ନଗେନ୍ଦ୍ରନାଥ ପଟ୍ଟନାୟକ



ଅଗଷ୍ଟ ପନ୍ଦର ଦିବସ । ବିଦ୍ୟାଳୟରେ ସ୍ୱାଧୀନତା ଦିବସର କାର୍ଯ୍ୟକ୍ରମ ଚାଲୁଥାଏ। ତିରଙ୍ଗା ପତାକା ଫରଫର୍ ହୋଇ ଆକାଶରେ ଉଡୁଥାଏ । ପିଲାମାନେ ଦେଶଭକ୍ତିର ସଙ୍ଗୀତ ଗାନ କରୁଥିଲେ । ଜାତୀୟ ପର୍ବର କାର୍ଯ୍ୟକ୍ରମ ଶେଷ ହେଲା ପରେ

ଗୁରୁଜୀ ପିଲାମାନଙ୍କ ଆଡ଼କୁ ମୁହଁ ଫେରାଇଆଣି ପଚାରିଲେ: ଏବେ କୁହତ, ସ୍ୱାଧୀନତା ଦିବସ କଣ ? ପିଲାମାନେ ଭିନ୍ନଭିନ୍ନ ଉତ୍ତର ଦେଲେ । କିଏ ଜଣେ କହିଲା: ଯାହାର ମନକୁ ଯାହା ଆସିବ ତାହା କରିବ । ଆଉଜଣ କହିଲା : ମନଖୁସୀରେ ଖେଳକୁଦ କରିବା ଆଉ ବୁଲାବୁଲି କରିବା । କିନ୍ତୁ ବିବାନ ବୋଇଲେ ଜଣେ ଷଷ୍ଠଶ୍ରେଣୀର ଛାତ୍ର ତୁନିତାନି ହୋଇ ଶ୍ରେଣୀର ଏକ କୋଣରେ ବସିଥିଲା । ପିଲାଟି ମଉନ ହୋଇ ବସିଥିବା ଗୁରୁଜୀ ଲକ୍ଷ୍ୟକଲେ । ପଚାରିଲେ:ଦୁଇଗାଲରେ ହାତଦେଇ ତୁମେ କ'ଣ ଭାବିହେଉଛ ? କିଛିକ୍ଷଣର ନୀରବତା ଭାଙ୍ଗି ବିବାନ କହିଲା-ମତେ ସଠିକ୍ ଉତ୍ତର ଜଣାନାଇଁ ଗୁରୁଜୀ।

ସେଦିନ ମାଛିଅନ୍ଧାର ବେଳକୁ ବିବାନ ଡଗଡଗ ପାଦରେ ଆସିଲା ଜେଜେଙ୍କ ପାଖକୁ। ଜେଜେ ତାକୁ ଗୋଟାଏ ପୁରୁଣା ଛବି ଦେଖାଇଲେ । ସେଇ ଛବିରେ



କେତେକ ଲୋକ ହାତରେ ତ୍ରରଙ୍ଗା ପତାକା ଧରି ଛିଡ଼ା ହୋଇଥିଲେ । ବିସ୍ମୟରେ ଆଖିଯୋଡ଼ିକ ଢ଼ିମାଢ଼ିମା କରି ବବି । ନ ପଚାରିଲା: ଏମାନେ କିଏ ଜେଜେ ? ମୁରୁକି ମୁରୁକି ହସି ଜେଜେ କହିଲେ : ଏଥିରେ ତୋର ପଣଅଜା ବି ଅଛନ୍ତି । ସ୍ୱାଧୀନତା ସଂଗ୍ରାମରେ ସେ ଅଂଶଗ୍ରହଣ କରିଥିଲେ । ସେ କାଳରେ ଆମ ଦେଶକୁ ଇଂରେଜମାନେ ଶାସନ କରୁଥିଲେ । ଆମ ଭାରତବାସୀଙ୍କୁ ନିଜ ଦେଶରେ କୌଣସି ଅଧିକାର ନ ଥିଲା । ଏକଲୟରେ କାନପାତି ଶୁଣୁଥାଏ ବିବାନ । ଆଗକୁ ଟିକେ ବଳିପଡ଼ି ଜେଜେ ପୁଣି ଆରମ୍ଭ କଲେ: ଲକ୍ଷଲକ୍ଷ ଭାରତୀୟ ସଂଗ୍ରାମ କଲେ, କାରାଦଣ୍ଡ ଭୋଗିଲେ ଆଉ ଅଧିକାଂଶ ବୀର ସ୍ୱାଧୀନତା ସଂଗ୍ରାମରେ ନିଜ ଜୀବନକୁ ବିସର୍ଜନ କରି ସହୀଦ ହୋଇଗଲେ । ତା' ପରେ ଯାଇ ଆମେ ସ୍ୱାଧୀନହେଲୁ । ଆମ ହାତକୁ ସ୍ୱାଧୀନତାର ଡ଼ୋରି ଆସିଲା । କୌତୂହଳରେ ବିବାନ ପଚାରିଲା: ତା'ହେଲେ କ'ଣ ଇଂରେଜ ଶାସନରୁ ମୁକ୍ତ ହେବାର ନାମ ସ୍ୱାଧୀନତା ? ଜେଜେ ବୁଝାଇ କହିଲେ : ନାଇଁ ପୁଅ, ସ୍ୱାଧୀନତା ସାଙ୍ଗକୁ ଦାୟିତ୍ୱ ଓ କର୍ତ୍ତବ୍ୟ ବି ଆସେ ।

ପାଠପଢ଼ିବା, ସଚ୍ଚୋଟ ହେବା, ନିୟମକାନୁନ ଅକ୍ଷରେ ଅକ୍ଷରେ ପାଳନ କରିବା ଓ ଦେଶକୁ ବିକଶିତ କରିବା ହିଁ ସ୍ୱାଧୀନତାର ବାସ୍ତବ ବ୍ୟବହାର ।

ପରଦିନ ସ୍କୁଲରେ ବିବାନ ନିଜ ସାଙ୍ଗମାନଙ୍କୁ କହିଲା: ସ୍ୱାଧୀନତାର ଅର୍ଥ କେବଳ ସ୍ୱାଧୀନ ହେବା ନୁହେଁ; ବରଂ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ବୁଝିବା । ବିବାନ ତୁଣ୍ଡରୁ କଥା ପଦକ ଶୁଣି ଗୁରୁଜୀ ଖୁସୀରେ ଗଦ୍‌ଗଦ୍ ହୋଇ ଉଠିଲେ । ସ୍ୱାଧୀନତା ଆମକୁ ଉପହାର ରୂପେ ମିଳିନାହିଁ ବୋଲି ବିବାନ ଜାଣିବାକୁ ପାଇଲା ସେଦିନ । ଏଇ ସ୍ୱାଧୀନତା ଆମ ସ୍ୱାଧୀନତା ସଂଗ୍ରାମୀଙ୍କୁ ନିରବଚ୍ଛିନ୍ନ ସଂଘର୍ଷ ଓ ବଳିଦାନର ପରିଣାମ । ସେଥିପାଇଁ ଆମେ କେବଳ ଯାଙ୍କୁ ସମ୍ମାନ କରିବା ନୁହେଁ; ବରଂ ନିଜର ଉତ୍ତମ କାର୍ଯ୍ୟଦ୍ୱାରା ଦେଶକୁ ଆଗକୁ ବଢ଼ିବାରେ ସହଯୋଗ କରିବା ଉଚିତ ।


+ ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍
ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮


# ବନ୍ୟା ପର ଡର.....

## ରାମଚନ୍ଦ୍ର ବେହେରା

ଶିରାବଣ ଆସି ବରଷା ବରଷି
ଭରିଦେଲା ନଈ ନାଳ
ନଈ ଭାଂଗି ବନ୍ଧ ଗାଆଁରେ ପଶିଲା
ନମିଳିଲା ଥଳକୂଳ
ଗାଆଁ ଗଣ୍ଡା ନେଲା ଧୋଇ
ଆଶ୍ରୟ ନେବାକୁ ଜାଗା ନମିଳଇ
ବରଷା ଦାଉ ସାଜଇ।

ଗାଈଗୋରୁ କେତେ ଭାସିଗଲେ ଦୂରେ
ଶସ୍ୟ ହେଲା ଛାରଖାର
ସ୍ୱେଚ୍ଛାସେବୀ ଦଳ ସାହାଯ୍ୟ କରିଲେ
ସାଜି ବନ୍ଧୁ ଆପଣାର
ଦେଇ ଖାଇବା ଦରବ
ବନ୍ୟା ପୀଡିତଂକ ଜୀବନ ରଖିଲେ
ଦେଖାଇ ସେବା ସ୍ୱଭାବ।

ଆସ ସର୍ବେ ମିଳି ବନ୍ୟା ପୀଡିତଂକୁ
ସାହାଯ୍ୟ ହାତ ବଢେଇ
ବିପଦ କାଳରେ ତାଂକୁ ସାହା ହେବା
ମାନବ ଧର୍ମ ଦେଖାଇ
ତାଂକ ମୁଖେ ହସ ଦେଇ
ମାନବର ସେବା ମାଧବର ସେବା
ହୃଦୟେ ମାନିବା ଭାଇ।

ବନ୍ୟା ପର ଡର ଝାଡା ବାନ୍ତି ଜ୍ୱର
କରିବା ତା'ପ୍ରତିକାର
ଘର ଖାଦ୍ୟ ଖାଇ ଫୁଟା ପାଣି ପିଇ
ବିପଦ କରିବା ଦୂର
ମଶା ମାଛିଠୁ ଦୂରେଇ
ମଶାରି ଟାଣିକି ଶୋଇବାକୁ ନିତି
କହିବା କାନେ ବୁଝାଇ।


ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


# କୁନି କାଉଡ଼ିଆ ମୁହିଁ

## ସୁଧାକର ରାଉତ

କୁନି କାଉଡ଼ିଆ ମୁହିଁ
ଶିବ ଲିଙ୍ଗ ପରେ ଜଳ ଢ଼ାଳିବାକୁ
ହୁଏ ମନେ ହାଇପାଇଁ।
କାନ୍ଧରେ ବାହୁଙ୍ଗି ମୋର
ଭରିଛି ଗଡୁରେ ନୀର
ସାଙ୍ଗ ସାଥି ମେଳେ ବୋଲବମ କହି
ଯାଉଛି ବାଲୁଙ୍କେଶ୍ୱର।
ମୋର ମନ କଥା ଜାଣି
ନୂଆ ପୋଷାକଟେ କିଣି
କେତେ ଯତନରେ ବଜାରରୁ ବାପା
ମୋ ପାଇଁ ଥିଲେଟି ଆଣି।
ବାହୁଙ୍ଗିକୁ ମୋର ଦେଖି
ନିଷ୍ଚେ ଯିବ ଆଖି ଲାଖି
ଫୁଲ ହାରରେ ସଜାଇଛି ତାକୁ
ଭାବ ଭକତିରେ ମାଖି ।
ଶିରାବଣ ମାସ ସାରା
ଅରୁଆ ଖୁଆଇ ପରା
ମାଆ ଆମକୁ କରୁଥିଲେ ପ୍ରସ୍ତୁତ
ମନେ ବୁଣି ଭକ୍ତି ଚାରା।
ଯାଉ କରି ଖାଲି ପାଦ
ମନେ ନ ଭରିଣ ଖେଦ
'ଓଁ ନମଃ ଶିବାୟ' ଡ଼ାକି ସର୍ବେ ଚାଲୁ
ଭୁଲି ମନୁ ହିଂସା ବାଦ।
ଜଣା ନ ପଡ଼ଇ ବାଟ
ହୃଦେ ଥାଏ ଭକ୍ତି ଘଟ
ଶିବ ପରା ମଙ୍ଗଳମୟ ଅଟନ୍ତି
ତାଙ୍କ ବିନା ସୃଷ୍ଟି ନଷ୍ଟ।
ଜଳ ଲାଗି କଲା ବେଳେ
ମାଗିବାଟି ଭକ୍ତି ଭୋଳେ
ଭଲ ମଣିଷ ସେ ଆମକୁ କରିବେ
ତାଙ୍କ କୃପା ଦୃଷ୍ଟି ବଳେ ।


+ ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨




# ବୋଲବମ ଯିବା ନ କର ଡେରି

## ନିରଞ୍ଜନ ସାହୁ

ଶିରାବଣ ମାସ ଆସିଛି ଆସିଛି ଫେରି
ବୋଲବମ ଯିବା ନ କରି ଡେରି
କାଉଡ଼ି କାନ୍ଧରେ ଧର
ଜପୁଥିବା ହରହର
ମହାଦେବଙ୍କର କୃପା ବରଷିବ
ନ ଥିବ କାହାକୁ ଡ଼ର ।

ଶନିବାର ନଦୀ ଘାଟକୁ ଯିବା
ଭକତି ଭାବରେ ସେଦିନ ଥିବା
କାଉଡିଆ ବେଶ ଧରି
କଳସୀରେ ଜଳ ଭରି
ବ୍ରାହ୍ମଣ ଗୋସାଇଁ ପୂଜା କରିଦେବେ
ମନ୍ତ୍ର ପାଠ କରିକରି ।

କାଉଡିକୁ ଆମେ କାନ୍ଧରେ ବହି
'ହରହର ଶମ୍ଭୁ' ଉଚ୍ଚରେ କହି
ଛାଡି ନଦୀକୂଳ ଘାଟ
ଚାଲିବା ଏଣିକି ବାଟ
ଶିବ ନାମେ ଜୟଧ୍ୱନି ଦେଉଥିବା
ଡାକିବା, 'ସଙ୍କଟ କାଟ।'

ସ୍ଥାନେସ୍ଥାନେ ଟିକେ ବିଶ୍ରାମ ନେବା
ତା ସାଥେ ଚାଲିବ ପ୍ରସାଦ ସେବା
ଶିବ ପଦେ ରଖି ଲୟ
ମନରେ ନ ରଖି ଭୟ
ରାତି ଅନ୍ଧାରରେ ବାଟ ବି ଚାଲିବା
ଏହିକଥା ପରା ଥୟ ।

ସୋମବାରେ ଜଳ କରିବା ଲାଗି
ଶିବଙ୍କ ଆଶିଷ ଆଣିବା ମାଗି
ଆମେ ଛୋଟ ଭକ୍ତଗଣ
ପ୍ରଣମିବା ଜଣଜଣ
କହିବା, 'ଠାକୁରେ ଫି'ସନ ଆସିବୁ
ଆସିଗଲେ ଶିରାବଣ ।


+ ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩


ବିଜ୍ଞାନ ଗବାକ୍ଷ-୧୩

କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ଇଶ୍ରୋ ଛାଡୁଛନ୍ତି ବୈଜ୍ଞାନିକ




"ଇଶ୍ରୋ ଛାଡୁଛନ୍ତି ବୈଜ୍ଞାନିକ" ଏ ଖବରଟି ଗଲା କିଛିଦିନ ହେବ ଖବରକାଗଜ ଏବଂ ଗଣମାଧ୍ୟମର ଏକ ଚର୍ଚ୍ଚିତ ବିଷୟ ହୋଇଛି। ବିଭିନ୍ନ ମାଧ୍ୟମରେ ଭାରତୀୟ ବୈଜ୍ଞାନିକ, ବୁଦ୍ଧିଜୀବୀ ଓ ଚିନ୍ତାନାୟକମାନେ ତାଙ୍କ ଚିନ୍ତା ପ୍ରକଟ କରିଛନ୍ତି। ଜଣେ ପୂର୍ବତନ ମହାକାଶ ବିଜ୍ଞାନୀ ଭାବରେ ମୁଁ ବି ଖବରପଢ଼ି ବିଚଳିତ ହୋଇଛି। କିନ୍ତୁ ପରେ ଦାର୍ଶନିକ ସାଜି ବାସ୍ତବତାକୁ ଗ୍ରହଣ କରିଛି ଯେ ଜୀବନ ଯାତ୍ରାରେ ଉତ୍‌ଥାନ ପତନ ଲାଗିରହିବା ପରି ଆମ ମହାକାଶ ସଂସ୍ଥା ଇଶ୍ରୋ ମଧ୍ୟ ଉନ୍ନତି ଓ ଅବନତିର ଛନ୍ଦରେ ରହିବ।

ପ୍ରାୟ ପଂଚଷଠି ବର୍ଷତଳେ ଆରବ ସାଗର କୂଳରେ ଏକ ପୁରୁଣା ଚର୍ଚ୍ଚରେ ଇଶ୍ରୋ ଜନ୍ମ ଗ୍ରହଣ କରିଥିଲେ। ଏକ ପ୍ରାର୍ଥନା ଗୃହ ବଦଳି ଯାଇଥିଲା ମହାକାଶ ପ୍ରୟୋଗଶାଳାରେ। ଚର୍ଚ୍ଚର ପାଦ୍ରୀଙ୍କ ସ୍ଥାନରେ ଛିଡ଼ା ହୋଇଥିଲେ ଅନ୍ୟ ଜଣେ ପୂଜକ- ଜଣେ ମହାକାଶ ବିଜ୍ଞାନର ପୂଜକ ଡକ୍ଟର ବିକ୍ରମ ସରାଭାଇ। ପ୍ରଫେସର ସରାଭାଇଙ୍କ ବ୍ୟକ୍ତିତ୍ୱ ଦେଶରୁ, ବିଦେଶରୁ ଟାଣି ଆଣିଥିଲା ଅନେକ ପ୍ରତିଶ୍ରୁତିବଦ୍ଧ, ଯୁବ ଏବଂ ପ୍ରତିଭାଶାଳୀ ବୈଜ୍ଞାନିକଙ୍କୁ। ଏବକାର ତିରୁଅନନ୍ତପୁରମ୍‌ଠାରୁ ନୀତି ଦୂରରେ ଥିବା ଥୁମ୍ବା ହୋଇ ଉଠିଥିଲା ମହାକାଶ ବିଜ୍ଞାନର ସାଧନାସ୍ଥଳ ଯେଉଁଠି ଧର୍ମ ଥିଲା ବିଜ୍ଞାନ, କର୍ମ ଥିଲା ଗବେଷଣା ଓ ଲକ୍ଷ୍ୟ ଥିଲା ଅନନ୍ତ ମହାକାଶ। ସେ ସାଧନା ପୀଠର ପୁରୋଧା ଥିଲେ ବିକ୍ରମ, ସାଧକ ଥିଲେ କଲାମ, ବ୍ରହ୍ମଦତ୍ତ, ରାମଚନ୍ଦ୍ର,ଚାଂଗନ ଓ ଆହୁରି ଅନେକ। ମାତ୍ର ୫୭ ବର୍ଷରେ ବିକ୍ରମ ସରାଭାଇଙ୍କ ଦେହାନ୍ତ ହୋଇଥିଲେ ବି ତାଙ୍କ ମନ୍ତ୍ରରେ ଦୀକ୍ଷିତ ଶିଷ୍ୟମାନେ ଇଶ୍ରୋକୁ ନେଇଛନ୍ତି ମହକାଶକୁ,ଚନ୍ଦ୍ରକୁ, ମଙ୍ଗଳକୁ ଏବଂ ସୂର୍ଯ୍ୟଙ୍କ କକ୍ଷକୁ। କେବଳ ସେତିକି ନୁହେଁ, ସରାଭାଇଙ୍କ ଲକ୍ଷ୍ୟ, "ମହାକାଶ ବିଜ୍ଞାନ ଦେଶର ଉନ୍ନତି ଲାଗି, ଦେଶବାସୀଙ୍କ ଉନ୍ନତି ଲାଗି" ଆଜି ସାଧିତ ହୋଇଛି। କେବଳ ମହାକାଶରେ ତ୍ରିରଙ୍ଗା ପହଂଚିନି, ମହାକାଶ ବିଜ୍ଞାନର ଉପାଦେୟତା ଆଜି ଘରେ ଘରେ ଉପଲବ୍ଧ- ସେ ପାଣିପାଗ ହେଉକି, ଦୂର ସଂଚାର ବ୍ୟବସ୍ଥା, ସେ ଶିକ୍ଷା ହେଉକି ମନୋରଂଜନ।

ଆଶ୍ରମ ବଡ଼ ହେଲେ କିଛି ଅନ୍ତେବାସୀ ମୂଳ ଆଶ୍ରମ ଛାଡ଼ିବେ। ଅନେକ କାରଣ ଥିବ। ଇଶ୍ରୋ ବଡ଼ ହେଲାପରେ ବିଭିନ୍ନ ସମୟରେ ବୈଜ୍ଞାନିକମାନେ ଏ ସଂସ୍ଥାକୁ ଛାଡ଼ିଛନ୍ତି। ଅଶୀ ଦଶକରେ ଅନେକ ବୈଜ୍ଞାନିକ, ଇଂଜିନିୟର ଡଲାର ମୋହରେ ଦେଶ ଛାଡ଼ିଥିଲେ। ଲକ୍ଷ୍ୟ ଥିଲା ମଧ୍ୟ ପ୍ରାଚ୍ୟର ପେଟ୍ରୋ ଡଲାର। ନବେ ଦଶକରେ ଅନେକ ବୈଜ୍ଞାନିକ ଓ ଇଂଜିନିୟର ତାଙ୍କ ଜ୍ଞାନ କୌଶଳ ନେଇ କମ୍ପ୍ୟୁଟର ଓ ଆଇଟି କମ୍ପାନୀମାନଙ୍କରେ ଯୋଗ ଦେଇଥିଲେ। ସେଇ ପ୍ରକ୍ରିୟା ଏ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଲାଗିରହିଥିଲା। ଏ ସବୁ ଲେଖିବାର ଅର୍ଥ ଏହା ଯେ ବୈଜ୍ଞାନିକ ଓ ଇଂଜିନିୟରମାନେ ସବୁକାଳରେ ଇଶ୍ରୋ ଛାଡ଼ିଛନ୍ତି ଓ ଛାଡୁଛନ୍ତି।

ଏବେ ବୈଜ୍ଞାନିକ ଓ ଇଂଜିନିୟରମାନେ ଇଶ୍ରୋ ଛାଡ଼ିବାର କାରଣ କ'ଣ ? ଅନେକ ବର୍ଷ ଇଶ୍ରୋର ଅଂଶ ହୋଇଥିବା ବୈଜ୍ଞାନିକଙ୍କ ଏ ମହାନ୍ ସଂସ୍ଥାକୁ ଛାଡ଼ିବାର ଅର୍ଥ କ'ଣ। ଆଜି ଭାରତୀୟ ମହାକାଶ ଗବେଷଣା ସଂଗଠନ ଇଶ୍ରୋ ଉନ୍ନତିର ଶୀର୍ଷରେ। ଏ ସମୟରେ ବରିଷ୍ଠ ବୈଜ୍ଞାନିକଙ୍କ ଇଶ୍ରୋ ଛାଡ଼ିବା ନିଶ୍ଚୟ ଚିନ୍ତାର ବିଷୟ। ଇଶ୍ରୋର ବୈଜ୍ଞାନିକମାନେ ଜଣେ ଜଣେ ସାଧକ। ତାଙ୍କ ଅନୁପସ୍ଥିତି ନିଶ୍ଚିତ ଭାବେ ଏ ମହାନ ସଂସ୍ଥା ଲାଗି କ୍ଷତିକାରକ।

ମୁଁ ଜାଣେ, ଇଶ୍ରୋରେ କାମ କରିବା ଅର୍ଥ ଦେଶସେବା କରିବା। ଦେଶ ସେବା ହୁଏ ଦେଶ ଭକ୍ତିରୁ। ବାଧ୍ୟବାଧ୍ୟକତାରେ ଭକ୍ତିଭାବ ଆସେନି। ବୈଜ୍ଞାନିକଙ୍କ ଇଶ୍ରୋ ଛାଡ଼ିବା ପଛରେ ଅନେକ କାରଣ ଥାଇପାରେ। କେବଳ ଘରୋଇ ସଂସ୍ଥାଙ୍କ ଆକର୍ଷଣ ନ ହୋଇପାରେ। ତୁରନ୍ତ ଏ ଦିଗରେ କାମ ନକଲେ ବା ପଦକ୍ଷେପ ନନେଲେ ଏବଂ ମହାନ୍ ସଂସ୍ଥାର ଭବିଷ୍ୟତ ଅନିଶ୍ଚିତ ହୋଇଉଠିବ ଯାହା ଗଭୀର ଚିନ୍ତାର ବିଷୟ ହେବ।


(କ୍ରମଶଃ)


+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮


# ଗ୍ରୀଷ୍ମ ଛୁଟି

## ସୁଧାଂଶୁ ଶେଖର ଦ୍ୱିବେଦୀ





ଗ୍ରୀଷ୍ମ ଛୁଟି ପଡିଥାଏ। ବିନମ୍ରକୁ ନା ପଢିବା ଚିନ୍ତା ଥାଏ ନା ସ୍କୁଲ ଯିବାରେ ଝଞ୍ଝଟ। କମ୍ପ୍ୟୁଟର ଗେମ୍, ଟିଭିରେ କାର୍ଟୁନ ଦେଖିବା ଏବଂ ଉପରବେଳା ସାଙ୍ଗମାନଙ୍କ ସହିତ ପାର୍କରେ କ୍ରିକେଟ୍ ଖେଳ ଆଦି ଦିନଚର୍ଯ୍ୟାରେ ତାକୁ ଭାରି ମଜା ଲାଗୁଥାଏ। ଦିନେ ସେ ଖେଳିସାରି ଘରକୁ ଆସି ଦେଖେତ ମା' ଉଦାସରେ ବସିଛି। କଣ ହୋଇଛି ବୋଲି ପଚାରିବାରୁ ସେ କହିଲା-ଗାଁରୁ ମକରା ଦାଦାର ଫୋନ୍ ଆସିଥିଲା। ତୋ ଜେଜେମା'ର ଦେହ ଖରାପ। ଶୀଘ୍ର ଗାଁକୁ ଯିବାପାଇଁ ହେବ। ମା' ଫୋନରେ ବାପାଙ୍କୁ ସବୁ ଜଣାଇସାରି ତାକୁ ନିଜ ଜିନିଷ ପତ୍ର ସଜାଡ଼ିବାକୁ କହିଲା।

ବିନମ୍ର ଟ୍ରେନ୍‌ରେ ବସିଥାଏ ହେଲେ ତା'ର ଧ୍ୟାନ ଘଡି ଘଡି ସାଙ୍ଗ ମାନଙ୍କ ପ୍ରତି ଆକର୍ଷିତ ହେଉଥାଏ। ସେମାନେ ସମସ୍ତେ ଗ୍ରୀଷ୍ମ ଛୁଟିରେ ମଜା କରିବେ ଅଥଚ ସେ ଗାଁରେ ବୋରିଂ ହେବ। ମନେ ମନେ ଜେଜେମା' ପ୍ରତି ରାଗି ଯାଉଥାଏ। ଏମିତି କେତେ କଣ ଭାବୁ ଭାବୁ ସେ ଶୋଇପଡ଼ିଲା। ମା'ର ଡ଼ାକରାରେ ଆଖି ଖୋଲି ଦେଖେତ ଷ୍ଟେସନ ଆସି ସାରିଛି। ମକରା ଦାଦା ପାଛୋଟି ନେବା ପାଇଁ ଆସିଥାନ୍ତି। ମା' ବାପା ମକରା ଦାଦାର ପାଦ ଛୁଇଁ ପ୍ରଣାମ କଲେ। ମା' କହିବାରୁ ସେ ବି ପ୍ରଣାମ କଲା। ଦାଦା ସମସ୍ତ ବ୍ୟାଗ୍, ଆଟାଚି ଧରି ଆଗେ ଆଗେ ଚାଲିଲେ। ଆମେ ତିନିହେଁ ତାଙ୍କ ପଛେ ପଛେ ଷ୍ଟେସନରୁ ବାହାରକୁ ଆସିଲୁ। ବାହାରେ ଗୋଟେ ବିଚିତ୍ର ଧରଣର ଟେମ୍ପୋ ଠିଆ ହୋଇଥାଏ। ଚାରିଜଣ ଟେମ୍ପୋରେ ବସି କିଛି ସମୟ ମଧ୍ୟରେ ଗାଁ ଘରେ ପହଞ୍ଚିଗଲୁ।

ପ୍ରଥମେ ସମସ୍ତେ ଜେଜେମା' ପାଖକୁ ଗଲେ। ଜେଜେମା' ଗୋଟେ ବଡ଼ କୋଠରୀ ଭିତରେ ଏକାକୀ ପଲଙ୍କ ଉପରେ ଶୋଇଥାଏ। ବିନମ୍ରକୁ ଜଣାଯାଉଥାଏ ସେ ଯେମିତି କାନ୍ଦୁଛି। ବାପା ତା' ନିକଟରେ ବସି ମଥାକୁ ଆଉଁସି ଦେଉଥାନ୍ତି। ମା' ଜେଜେମା'ର ଗୋଡ଼ ଘଷି ଦେଉଥାଏ। ସେତେବେଳକୁ ଗାଁର କେତେ ଲୋକ ଜମା ହୋଇ ସାରିଥାନ୍ତି। ବିନମ୍ରଠାରୁ ବୟସରେ ବଡ଼ ଜଣେ ଦିଦି ତାକୁ ଲସି ଗ୍ଲାସେ ଧରେଇଦେଇ କହିଲା-ପିଇରେ ଟୋକା ! ବିନମ୍ର ପ୍ରଶ୍ନଭରା ଆଖିରେ ତା' ମା'କୁ ଦେଖିଲା। ମା' କହିଲା-ପିଇଦେ- ସେ ପରା ତୋ ମିତା ପିଉସୀ। ବିନମ୍ର ଲସି ଗ୍ଲାସ ଧରି ବାହାରକୁ ଆସିଲା। ଜଣେ ଯୁବକ ହସି ହସି ଆସି ତାକୁ କହିଲା-ଆରେ ବିନମ୍ର ତୁ ଆସିଛୁ ? ଛୋଟ ବେଳେ ଥରୁଟିଏ ଆସିଥିଲୁ। ତା'ର କିଛି ମନେ ପଡୁନଥାଏ ହେଲେ ଅନୁପ ସହିତ କଥାବାର୍ତ୍ତା ହେବାକୁ ଭଲ ଲାଗୁଥାଏ। ବିନମ୍ର ପଚାରିଲା-ଆଚ୍ଛା ଅନୁପ ଭାଇ ! ଏ ସମସ୍ତ ଲୋକ କଣ ଆମ ଘରେ ରୁହନ୍ତି ?

ଆରେ ନାଁରେ ସେମାନେ ସମସ୍ତେ ପଡୋଶୀ ଲୋକ। ତୁମେ ମାନେ ସହରରୁ ଆସିଛ ଦେଖିବାକୁ ଆସିଛନ୍ତି।

ସହରରେ ଥିବା ତାଙ୍କ ଘର କଲୋନୀ କଥା ମନମ୍ରର ମନେ ପଡୁଥାଏ। ସେଠି କିଏ ଆସିଲା କି ଗଲା କାହାକୁ କିଛି ଫରକ ପଡେନାହିଁ। ହେଲେ ଜେଜେମା' ଘର ଭଳି ପରିବେଶ ସେ କେବେ ଦେଖିନାହିଁ। କିଛି ସମୟ ପରେ ଆହୁରି କେତେ ଲୋକ ଘର ଅଗଣାକୁ ଆସିଲେ। ଅନୁପ କହିଲା-ଏମାନେ ସମସ୍ତେ ତୋ ବାପାଙ୍କ ସାଙ୍ଗ।

ବାପାଙ୍କର ଏତେ ସାଙ୍ଗ ଅଛନ୍ତି ?

ହଁ, ପ୍ରତିବର୍ଷ ତୋ ବାପା ଏଠିକୁ ଆସିଲେ ଏମାନେ ଆସନ୍ତି। ଏମାନଙ୍କ ଭିତରୁ କେତେଜଣ ତୋ ବାପାଙ୍କ ସହିତ ପାଠ ପଢୁଥିଲେ। ସାଥୀହୋଇ ସ୍କୁଲ ଯାଉଥିଲେ। ଅନୁପ ଦୁଇଦିନ ଭିତରେ ଗାଁର ଅନ୍ୟ ପିଲାଙ୍କ ସହିତ ତା'ର ପରିଚୟ କରାଇ ଦେଲା। ସେ କେବେ ଅନୁଭବ କରିପାରୁ ନଥାଏ ପ୍ରଥମଥର ସେମାନଙ୍କ ସହିତ ମିଶୁଛି। ଏଥର ବିନମ୍ର ପ୍ରତିଦିନ ଗାଁ ପିଲାଙ୍କ ସହିତ ଖେଳେ, ମଜାମସ୍ତି କରେ। ଗଛ ଛାଇରେ ବସି କଥାବାର୍ତ୍ତା ହୁଏ। ସଭିଏଁ ମିଶି ପାଚିଲା ଆମ୍ବ ବିଛେଇ ଖାଆନ୍ତି। ଶୀତଳ ପବନର ଆନନ୍ଦ ନିଅନ୍ତି।

ସମୟ ପଙ୍ଖ ଲଗେଇ ଉଡିଗଲା। ସେମାନଙ୍କ ଆସିବା ଗୋଟେ ସପ୍ତାହ ମଧ୍ୟରେ ଜେଜେମା' ସୁସ୍ଥ ହୋଇଗଲା। ବାପା ସହରକୁ ଫେରିଗଲେ। ବିନମ୍ର ଆଉ ତା' ମା' କିଛିଦିନ ଗାଁରେ ରହିଲେ। ଏବେ ସେ ଦୁହେଁ ବି ଯିବେ। ବାପା ନେବାକୁ ଆସିବେ। ଗାଁ ପରିବେଶ ଓ ଗାଁ ସାଙ୍ଗମାନଙ୍କୁ ଛାଡି ସହରକୁ ଯିବାପାଇଁ ବିନମ୍ରର ଆଦୌ ମନ ବଳୁନଥାଏ। ଫେରିବା ଦିନ ପୂର୍ବ ସନ୍ଧ୍ୟାରେ ସମସ୍ତ ସାଙ୍ଗମାନଙ୍କ ସହିତ ଦେଖା କରିବାକୁ ଅନୁପ ସହିତ ପୋଖରୀ ହୁଡାକୁ ଗଲା। ସେଠି ଗାଁର ସମସ୍ତ ସାଙ୍ଗ ଏକାଠି ଥିଲେ। ସମସ୍ତେ ତା' ପାଇଁ କିଛି ନା କିଛି ଉପହାର ଆଣିଥାନ୍ତି।

ବିନମ୍ର ଭାବୁକ ହୋଇ କହିଲା-ସାଙ୍ଗମାନେ ! ଏଭଳି ଅଭୁଲା ଗ୍ରୀଷ୍ମ ଛୁଟି ମୋ ଜୀବନସାରା ମନେ ରହିବ। ତୁମେମାନେ ମୋ ଭଳି ଜଣେ ଅଜଣା ସାଙ୍ଗକୁ ଯେମିତି ସ୍ନେହ, ଆଦର ଦେଇଛ ତାହା ମୁଁ କେବେବି ଭୁଲିବି ନାହିଁ। ଏଥର ମୁଁ ନିର୍ଣ୍ଣୟ ନେଇଛି ପ୍ରତିବର୍ଷ ଗ୍ରୀଷ୍ମ ଛୁଟିରେ ଏଠିକୁ ଆସି ତୁମମାନଙ୍କ ସହିତ ଖେଳିବି।


ବିସି-୭୪ ,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨

# ଡାକ୍ତରଙ୍କ ଅଶୋଭନୀୟ ଆଚରଣ ପ୍ରଦର୍ଶନ ବିରୁଦ୍ଧରେ ଏସ୍‌ପି ଓ ସିଡିଏମ୍‌ଓଙ୍କୁ ଭେଟିଲେ ସାମ୍ବାଦିକ

ସୁବର୍ଣ୍ଣପୁର,୭/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ରବିବାର ରାତିରେ ଜଣେ ଯୁବକଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବାନେଇ ଅଭିଯୋଗ ହୋଇଥିଲା। ମୃତକ ଜଣକ ହେଲେ ସୋନପୁର ଥାନା ଅନ୍ତର୍ଗତ ପାନିଶିଆଲି ଗାଁର ପ୍ରଶାନ୍ତ କୁମାର ତ୍ରିପାଠୀ। ଏହି ଘଟଣାକୁ ନେଇ ସେଠାରେ ପ୍ରବଳ ଉତେଜନା ପ୍ରକାଶ ପାଇଥିଲା। ଏଥିରେ ଉତ୍ୟକ୍ତ ହୋଇ ମୃତକଙ୍କ ପରିବାର ସଦସ୍ୟ ଡାକ୍ତରଙ୍କୁ ଗାଳିଗୁଲଜ ଓ ଧସ୍ତାଧସ୍ତି କରିଥିବା ନେଇ ସୋନପୁର ଥାନାରେ ଅଭିଯୋଗ ହୋଇଥିଲା। ଅପରପକ୍ଷରେ ମୃତକଙ୍କ ପରିବାର ବର୍ଗ ପକ୍ଷରୁ ମଧ ଚିକିତ୍ସା ଅବହେଳାରୁ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିବା ନେଇ ମଧ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ତେବେ ଏହି ଘଟଣା ପରେ ମୃତକଙ୍କ ଶବ ବ୍ୟବଛେଦ କରିବାରେ ବିଳମ୍ବ କରିବା ସହ ଯେଉଁମାନେ ଡାକ୍ତରଙ୍କ ସହ ଧସ୍ତା ଧସ୍ତି କରିଛନ୍ତି ତାଙ୍କୁ ତୁରନ୍ତ ଗିରଫ କରିବାକୁ ଡାକ୍ତର ସଂଘ ପକ୍ଷରୁ କୁହାଯାଇଥିଲା। ଏନେଇ ଡାକ୍ତରମାନେ ଡିଏଚ୍‌ଏଚ୍ ପରିସରରେ ଏସ୍‌ପିଙ୍କ ସହ ଆଲୋଚନା କରୁଥିଲେ। ସେହି ସମୟରେ କିଛି ସାମ୍ବାଦିକ ଉକ୍ତ ଆଲୋଚନା ସମୟର ଭିଡିଓ ଫୋଟ ଉତୋଳନ କରୁଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଡ. ମହାପାତ୍ର ଆଙ୍ଗୁଠି ଲମ୍ବାଇ ସାମ୍ବାଦିକମାନଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲେ। ଯାହାକି ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଏହାକୁ ନେଇ ଜିଲ୍ଲାର ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କ ମହଲରେ ଖୁବ୍ ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାକୁ ଖୁବ୍ ନିନ୍ଦା କରାଯାଉଛି। ଏହି ଘଟଣା ବିରୁଦ୍ଧରେ ଆଜି ସମସ୍ତ ସାମ୍ବାଦିକ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକଙ୍କୁ ଭେଟି ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଭାବେ ଜଣାଇଛନ୍ତି। ଏନେଇ ସିଡିଏମ୍‌ଓ ଡ. ଉଷାରାଣୀ ଦାସଙ୍କୁ ମଧ ସାକ୍ଷାତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଘର ଭାଙ୍ଗିଲେ ହାତୀପଲ: ପରିବାରର ୪ ଗୁରୁତର

ବଲାଙ୍ଗିର,୭/୦୮ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅନ୍ତର୍ଗତ ସରଗୁଲ ଗ୍ରାମରେ ଗତକାଲି ରାତିରେ ଲୋକଙ୍କ ଘରଭାଙ୍ଗିବା ସହ ଉତ୍ପାତ ମଚାଇଛନ୍ତି ହାତୀପଲ। ରାତିରେ ଘରେ ଶୋଇଥିବା ବେଳେ ଏକ ପରିବାରର ୪ ଜଣ ସଦସ୍ୟ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଖାଦ୍ୟ ଅନ୍ୱେଷଣରେ ଗତକାଲି ରାତିରେ ମୁରିବାହାଲ ରେଞ୍ଜ୍ ଅନ୍ତର୍ଗତ ସରଗୁଲ ଗ୍ରାମର ଲିଙ୍ଗରାଜ ଭୋଇଙ୍କ ଘରେ ପଶିଥିଲେ ହାତୀପଲ । ହାତୀପଲ ଘର ଭାଙ୍ଗିବା ସହ ପରିବାର ସଦସ୍ୟମାନଙ୍କୁ ଆକ୍ରମଣ କରିଥିଲେ । ଫଳରେ ଲିଙ୍ଗରାଜ ଓ ତାଙ୍କ ପତ୍ନୀଙ୍କ ସହିତ ତାଙ୍କର ଦୁଇ ଶିଶୁ ଗୁରୁତର ହୋଇଛନ୍ତି । ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର ପରେ ପ୍ରଥମେ ସ୍ଥାନୀୟ ମୁରିବାହାଲ ମେଡିକାଲରେ ଭର୍ତି କରିଥିଲେ । ପରେ ଅଧିକ ଚିକିତ୍ସା ନିମନ୍ତେ ଗୁରୁତର ୪ ଜଣଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣା ପରେ ହାତୀପଲ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିବା ସୂଚନା ମିଳିଛି । ବନ ବିଭାଗ ସଜାଗ ରହିଛି ଏବଂ ହାତୀ ଘଉଡାଇବା ଦିଗରେ ପଦକ୍ଷେପ ନିଆଯାଉଛି । ଅନ୍ୟପକ୍ଷରେ ପୀଡ଼ିତ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି । ପ୍ରକାଶ ଥାଉକି, ଗତ କିଛି ଦିନ ହେଲା ଅଂଚଳରେ ଏକ ୧୬ଟିକିଆ ହାତୀପଲ ବୁଲୁଥିବା ଜଣାପଡିଛି । ସନ୍ଧ୍ୟା ହେଲେ ହାତୀପଲ ଗାଁ ମୁହାଁ ହେଉଛନ୍ତି । ଯାହାକୁ ନେଇ ଲୋକଙ୍କ ମନରେ ଭୟ ସଂଚାର ହୋଇଛି ।

# ସୃଜନଶୀଳ ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର,୭/୦୮ (ନି.ପ୍ର): ଜୟପୁରର ଏସଡିପିଓ ସୁଶ୍ରୀ ଅର୍ଚ୍ଚିତା ମିତଲଙ୍କ ପ୍ରେରଣାଦାୟକ ପଦକ୍ଷେପରେ ପୋଲିସ ବିଭାଗ ଏବଂ ରୋଟାରୀ କ୍ଲବ ଅଫ୍ ଜୟପୁର ପ୍ରାଇଡ୍‌ର ମିଳିତ ଆୟୋଜନରେ ସୃଜନଶିଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଅଗ୍ରସେନ ଭବନଠାରେ ଜୟପୁର ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ସୃଜନଶୀଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ଇଣ୍ଡିଆ ଅ ୨୦୪୭ : ଆଜିର ଯୁବପିଢ଼ି ଗଢୁଛନ୍ତି ଆସନ୍ତାକାଲିର ଭାରତ'। ଏହି ବିଷୟକୁ ଆଧାର କରି ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ, ରଙ୍ଗଚିତ୍ର, ପ୍ରବନ୍ଧ ଲେଖନ, କବିତା ରଚନା ଏବଂ ସୁନ୍ଦର ହସ୍ତାକ୍ଷର ମାଧ୍ୟମରେ ନିଜର ଚିନ୍ତାଧାରା, ସ୍ୱପ୍ନ ଓ ଭବିଷ୍ୟତ ଦୃଷ୍ଟିକୋଣକୁ ପ୍ରକାଶ କରିଥିଲେ। ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫୦୦ ଜଣଏବଂ ପ୍ଲସ ୨ ର ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ବହୁତ ଉତ୍ସାହ ଓ ସୃଜନଶୀଳତା ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୋଟ୍ ୫୫୦ ଜଣ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇ କାର୍ଯ୍ୟକ୍ରମକୁ ଏକ ବିରାଟ ସଫଳତାରେ ପରିଣତ କରିଥିଲେ।ଏହି କୁନି କୁନି ପ୍ରତିଭାମାନଙ୍କର ଉତ୍ସାହ, କଳ୍ପନାଶକ୍ତି ଏବଂ ଦେଶପ୍ରେମ କାର୍ଯ୍ୟକ୍ରମକୁ ଅବିସ୍ମରଣୀୟ କରିଥିଲା ଏବଂ ଉପସ୍ଥିତ ସମସ୍ତଙ୍କ ମନରେ ନୂତନ ଆଶା ଓ ପ୍ରେରଣା ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମ ଏସଡିପିଓ ଅର୍ଚ୍ଚିତା ମିତଲଙ୍କ ଉପସ୍ଥିତିରେ ଏବଂ ଜୟପୁର ପୋଲିସ ଉପବିଭାଗର ପୋଲିସ କର୍ମଚାରୀମାନଙ୍କ ସହଯୋଗରେ ସଫଳତାର ସହ ଆୟୋଜିତ ହୋଇଥିଲା। ରୋଟାରୀ କ୍ଲବ ଅଫ୍ ଜୟପୁର ପ୍ରାଇଡ୍ ପକ୍ଷରୁ କ୍ଲବ ସଭାପତି ରୋଟାରିଆନ୍ କାଳୁରାମ ପଣ୍ଡା, ସମ୍ପାଦକ ରୋଟାରିଆନ୍ ନରେଶ ମହାକୁଳ, ବରିଷ୍ଠ ସଦସ୍ୟ ରୋଟାରିଆନ୍ ରାମନାଥ ସାହୁ, ରୋଟାରିଆନ୍ ରାମହରି ପଣ୍ଡା, ରୋଟାରିଆନ୍ ସୁରେଶ ପାଣିଗ୍ରାହୀ, ରୋଟାରିଆନ୍ ଜି. ଭି. ରାଓ, ରୋଟାରିଆନ୍ ମୁରଲି ସାବତ, ରୋଟାରିଆନ୍ ସଂଜୀବ ମିଶ୍ର, ରୋଟାରିଆନ୍ ସଞ୍ଜୟ ସୁଆରୋ ଏବଂ ରୋଟାରିଆନ୍ ରତ୍ନାକର ଚୌଧୁରୀଙ୍କ ସମେତ ଅନ୍ୟାନ୍ୟ ରୋଟାରିଆନମାନେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଶିକ୍ଷକ, ବିଦ୍ୟାଳୟ ପ୍ରତିନିଧି, ଗାଇଡ୍, ଅଭିଭାବକ ଓ ଅଭିଭାବିକାମାନେ ଏହି ଅଭିନବ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହ ଏପରି ଅର୍ଥପୂର୍ଣ୍ଣ ଓ ପ୍ରେରଣାଦାୟକ କାର୍ଯ୍ୟକ୍ରମର ଅଂଶୀଦାର ହୋଇଥିବାରେ ଆନନ୍ଦ ପ୍ରକାଶ କରିଥିଲେ। ପ୍ରତ୍ୟେକ ଶିଶୁର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଏକ ଉଜ୍ଜ୍ୱଳ ଓ ବିକଶିତ ଭାରତର ସ୍ୱପ୍ନକୁ ପ୍ରତିଫଳିତ କରୁଥିଲା। ଆସନ୍ତା ୧୫ ଅଗଷ୍ଟ ସ୍ୱାଧୀନତା ଦିବସ ଅବସରରେ ପରେଡ୍ ପଡ଼ିଆରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ।ଶେଷରେ ଉପସ୍ଥିତ ସମସ୍ତେ ମତବ୍ୟକ୍ତ କରିଥିଲେ ଯେ, 'ଆସନ୍ତୁ, ଆମେ ସମସ୍ତେ ମିଶି ଆମର ଯୁବପିଢ଼ିଙ୍କୁ ପ୍ରେରଣା ଦେଇ ଚାଲିବା, କାରଣ ସେମାନେ ହିଁ ୨୦୪୭ ସୁଦ୍ଧା ଏକ ବିକଶିତ ଓ ସମୃଦ୍ଧ ଭାରତର ପ୍ରକୃତ ନିର୍ମାତା।'

# କେଶପୁର ପରିବା ବଜାରରେ ଅଗ୍ନିକାଣ୍ଡ

ଗଞ୍ଜାମ,୭/୦୮ (ନି.ପ୍ର): ଗଞ୍ଜାମ ଜିଲ୍ଲାର କେଶପୁର ପରିବା ବଜାରରେ ଆଜି ଭୋର୍ ୪ଟାରୁ ଅଗ୍ନିକାଣ୍ଡ ଘଟି ୪ଟି ଗୋଦାମ ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ପରିବା ଓ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଛି। ରାଜେନ୍ଦ୍ର ପାତ୍ରଙ୍କ ପରିବା ଦୋକାନରେ ପ୍ରଥମେ ନିଆଁ ଲାଗିଥିଲା। ପରେ ଅନ୍ୟ ଦୋକାନକୁ ନିଆଁ ବ୍ୟାପି ଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଛନ୍ତି। ତେବେ କେହି ଦୁର୍ବୃତ ତାଙ୍କ ଦୋକାନରେ ପେଟ୍ରୋଲ ଢ଼ାଳି ଅଗ୍ନି ସଂଯୋଗ କରିଛନ୍ତି ବୋଲି ରାଜେନ୍ଦ୍ର ଅଭିଯୋଗ କରିବା ସହ କିଛି ଦିନ ତଳେ ତାଙ୍କର ଅନ୍ୟ ଏକ ଦୋକାନରେ ମଧ କେହି ନିଆଁ ଲଗାଇ ପୋଡି ଦେଇଥିବା କହିଛନ୍ତି।

# ଦୁଇ ବର୍ଷର ଆର୍ଥିକ ଅନୁଦାନ ନାହିଁ: ଚିନ୍ତାରେ ନିର୍ବାଚିତ ଜନପ୍ରତିନିଧି

କନ୍ଧମାଳ,୭/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଏକ ପଛୁଆ ଏବଂ ଅନୁନ୍ନତ ଆଦିବାସୀ ବହୁଳ ଜିଲ୍ଲା ଭାବେ ପରିଚିତ ଥିବା ବେଳେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଜିଲ୍ଲାର ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି, ହେଲେ ଆର୍ଥିକ ବର୍ଷ ୨୦୨୪-୨୫ ଏବଂ ଆର୍ଥିକ ବର୍ଷ ୨୦୨୫/୨୬ କନ୍ଧମାଳ ଓ ଗଜପତି ବିକାଶ ଯୋଜନା ଆର୍ଥିକ ଅନୁଦାନ ମଧ ଆସି ପାରୁନାହିଁ । ସୂଚନା ଅନୁସାରେ, ଉକ୍ତ ଯୋଜନାର ଅର୍ଥ ବିନିଯୋଗ ପାଇଁ ସରକାରୀ ଭାବେ ଜିଲ୍ଲା ଯୋଜନା କମିଟିର ସ୍ୱତନ୍ତ୍ର ଯୋଜନା ବୈଠକରେ ସମସ୍ତ ପ୍ରକଳ୍ପ ଗୁଡିକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଅନୁମୋଦନ କରିଥାନ୍ତି। କିନ୍ତୁ, ବର୍ତମାନ କନ୍ଧମାଳ ଜିଲ୍ଲାର ସମସ୍ତ ୧୮ ଜିଲ୍ଲା ପରିଷଦ ସଦସ୍ୟଙ୍କ ତରଫରୁ ସେମାନଙ୍କ ଜୋନ୍ ଅଂଚଳର ବିକାଶ ପାଇଁ ଯାଇଥିବା ଦୁଇ ଆର୍ଥିକ ବର୍ଷର ଅନୁଦାନ ଆଜି ପର୍ଯ୍ୟନ୍ତ ଅନୁମୋଦନ ହୋଇ ନଥିବା ହେତୁ ଜନପ୍ରତିନିଧିମାନେ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେବା ସହ ବିକାଶ କାର୍ଯ୍ୟ ବନ୍ଦ ହୋଇଥିବା ଅଭିଯୋଗ କରୁଛନ୍ତି । ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ଦୁଇ ବର୍ଷର ପ୍ରକଳ୍ପ ଅନୁମୋଦନ ସହ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରକଳ୍ପ ତାଲିକା ଜିଲ୍ଲା ପରିଷଦ ସଦସ୍ୟଙ୍କୁ ମାଗନ୍ତୁ ବୋଲି ଦାବୀ କରିଛନ୍ତି । ଏଥିପାଇଁ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ଫୁଲବାଣୀ ବିଧାୟକ ଉମାଚରଣ ମଲିକ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟାଙ୍କ ସମସ୍ୟା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଅନ୍ତୁ ବୋଲି ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦ ସଭ୍ୟସଭ୍ୟା ଅନୁରୋଧ କରିଛନ୍ତି । ଏଭଳି ସମସ୍ୟା ନେଇ ଖୁବଶୀଘ୍ର ଜିଲ୍ଲାପାଳ କନ୍ଧମାଳ, ପଂଚାୟତରାଜ ବିଭାଗ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଓଡିଶାଙ୍କୁ ଦାବିପତ୍ର ପ୍ରେରଣ କରାଯିବ ବୋଲି ସମସ୍ତ ସଭ୍ୟ ସଭ୍ୟା ନିଷ୍ପତି ଗ୍ରହଣ କରିଛନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

# ଆଇନ ସଚେତନତା ହେଉଛି ନ୍ୟାୟ ପ୍ରାପ୍ତିର ପ୍ରଥମ ପଦକ୍ଷେପ: ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ

ଜୟପୁର,୭/୦୮ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ଆନୁକୂଲ୍ୟରେ ବୈପାରୀଗୁଡ଼ା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ସମାଜର ଦୁର୍ବଳ, ଆଦିବାସୀ, ମହିଳା, ଶ୍ରମିକ ଓ ବଂଚିତ ବର୍ଗଙ୍କ ନିକଟରେ ଆଇନ ସଚେତନତା ଓ ସରକାରୀ କଲ୍ୟାଣକାରୀ ଯୋଜନାର ସୂଚନା ପହଂଚାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା।କାର୍ଯ୍ୟକ୍ରମରେ ଶ୍ରୀମତୀ ପ୍ରଦ୍ୟୋମୟୀ ସୁଜାତା, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ-କମ୍-ବିଚାରପତି, ସ୍ଥାୟୀ ଲୋକ ଅଦାଲତ, ଜୟପୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, 'ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ ଆର୍ଥିକ ଅଭାବ କେବେବି ନ୍ୟାୟ ପାଇବାରେ ବାଧକ ହେବା ଉଚିତ ନୁହେଁ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିମାନେ ସମ୍ପୂର୍ଣ୍ଣ ମାଗଣାରେ ଆଇନ ସହାୟତା ପାଇପାରିବେ।'ସମ୍ମାନିତ ଅତିଥି ରାଜେଶ୍ୱରୀ ହିକୋକା, ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ, ଜୟପୁର ଶ୍ରମିକମାନଙ୍କ ଅଧିକାର, ଶ୍ରମ ଆଇନ ଓ ସରକାରୀ କଲ୍ୟାଣ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। କାର୍ତିକ ପାଢ଼ୀ, ବିଏସଏସଓ, ବୈପାରୀଗୁଡ଼ା ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଯଥା ବାର୍ଦ୍ଧକ୍ୟ ଭତା, ବିଧବା ଭତା, ଦିବ୍ୟାଙ୍ଗ ଭତା, ଆବାସ ଯୋଜନା, ରେସନ କାର୍ଡ ଓ ଅନ୍ୟାନ୍ୟ ଜନକଲ୍ୟାଣ ଯୋଜନାର ସୁବିଧା ଲୋକମାନଙ୍କ ନିକଟରେ ପହଂଚାଇବା ପାଇଁ ସରକାରଙ୍କ ପ୍ରୟାସ ବିଷୟରେ ଆଲୋଚନା କରିଥିଲେ। ରାଜେନ୍ଦ୍ର ପ୍ରସାଦ ପାତ୍ର, ଜିପିଡିଓ, ବୈପାରୀଗୁଡ଼ା ଗ୍ରାମ ପଂଚାୟତ ସ୍ତରରେ ସରକାରୀ ଯୋଜନାର ସ୍ୱଚ୍ଛ ରୂପାୟନ ଏବଂ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଆଦିବାସୀ, ଡି-ନୋଟିଫାଇଡ୍ ଏବଂ ଯାଯାବର ସମ୍ପ୍ରଦାୟଙ୍କ ପାଇଁ ମାଗଣା ଆଇନ ସହାୟତା, ସାମ୍ବିଧାନିକ ଅଧିକାର, ବନ ଅଧିକାର, ସରକାରୀ ଯୋଜନାର ଲାଭ ଓ ନ୍ୟାୟ ପ୍ରାପ୍ତିର ବିଭିନ୍ନ ଉପାୟ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ସେହିପରି ନିଶାମୁକ୍ତ ସମାଜ ଗଠନ, ଯୁବପିଢ଼ିଙ୍କୁ ନିଶାସେବନର କୁପ୍ରଭାବରୁ ରକ୍ଷା କରିବା, ପରାମର୍ଶ, ପୁନର୍ବାସ ଏବଂ ଆଇନଗତ ସହାୟତା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବିସ୍ତୃତ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଶ୍ରମିକ, ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ସଚେତନ ନାଗରିକମାନେ ଉପସ୍ଥିତ ରହି ଆଇନଗତ ଅଧିକାର ଓ ସରକାରୀ ଯୋଜନା ସମ୍ପର୍କରେ ଜ୍ଞାନ ଅର୍ଜନ କରିଥିଲେ। ଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମସ୍ତଙ୍କୁ ଆଇନ ପ୍ରତି ସଚେତନ ହେବା, ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା ଏବଂ ଆବଶ୍ୟକ ସମୟରେ ଡାଲସା ଠାରୁ ମାଗଣା ଆଇନ ସହାୟତା ନେବାକୁ ଆହ୍ୱାନ ଜଣାଯାଇଥିଲା।

# ଚମ୍ପୁଆରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା : ସମୟ ଅନୁଯାୟୀ ଚାମ୍ବରରେ ବସୁନାହାନ୍ତି ଡାକ୍ତର, ରୋଗୀ ହନ୍ତସନ୍ତ

ଚମ୍ପୁଆ,୭/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରୀ ନିୟମକୁ ବେଖାତିର କରି ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ମନମାନି ଚଳାଇଥିବା ବେଳେ ଦୂରଦୂରାନ୍ତରୁ ଆସୁଥିବା ଗରିବ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ଡାକ୍ତରଖାନାରେ ଡାକ୍ତରମାନେ ନିର୍ଦ୍ଧାରିତ ସମୟ ଅନୁସାରେ ନିଜ ଚାମ୍ବରରେ ବସୁନାହାନ୍ତି। ରୋଗୀମାନେ ସକାଳୁ ଲମ୍ବା ଲାଇନରେ ଠିଆହୋଇ ଟିକେଟ କାଉଂଟରରୁ ଟିକେଟ୍ ନେବା ପରେ, ଡାକ୍ତରଙ୍କୁ ଦେଖାଇବା ପାଇଁ ଘଂଟା ଘଂଟା ଅପେକ୍ଷା କରୁଛନ୍ତି। ମାତ୍ର ଚାମ୍ବରରେ ଡାକ୍ତର ରହୁ ନ ଥିବାରୁ ଅନେକ ରୋଗୀ ନିରାଶ ହୋଇ ଫେରୁଛନ୍ତି। ଏହା ସହିତ ଡାକ୍ତରଖାନାର କିଛି ଅସାଧୁ କର୍ମଚାରୀଙ୍କ ପାତରଅନ୍ତର ନୀତି ଯୋଗୁଁ ସାଧାରଣ ଲୋକେ ଅଧିକ ହଇରାଣ ହେଉଛନ୍ତି। କର୍ମଚାରୀମାନେ ସାଧାରଣ ରୋଗୀଙ୍କୁ ଅପେକ୍ଷା କରାଇ ନିଜ ପରିଚିତ ଲୋକଙ୍କୁ ଆଗ ସେବା ଯୋଗାଉଥିବା ଦେଖିବାକୁ ମିଳୁଛି।

ଉଲ୍ଲେଖଯୋଗ୍ୟ ଯେ, ଏହି ଚିକିତ୍ସାଳୟ ଉପରେ କେବଳ ଚମ୍ପୁଆ ଉପଖଣ୍ଡ ନୁହେଁ, ବରଂ ପଡ଼ୋଶୀ ମୟୁରଭଞ୍ଜ ଜିଲ୍ଲା ଏବଂ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମି ଜିଲ୍ଲାର ହଜାର ହଜାର ଗରିବ ଲୋକ ନିର୍ଭର କରନ୍ତି। ଏଭଳି ପରିସ୍ଥିତିରେ ଡାକ୍ତରଖାନା କର୍ମଚାରୀଙ୍କ ମନମାନି ଯୋଗୁଁ ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାର ସ୍ୱଚ୍ଛତା ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ଚମ୍ପୁଆ ଡାକ୍ତରଖାନାର ଏହି ଚିତ୍ର ବାସ୍ତବତାକୁ ପଦାରେ ପକାଇଛି। ଏଣୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି।

# ଦେଶି ମଦ ଚାଲାଣ ବେଳେ ଚଢ଼ଉ: ୨ ଗିରଫ

ଜୟପୁର,୭/୦୮ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢଉ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଣିପୁଟର ହରି ହରିଜନ, କୁନ୍ଦୁରା ଥାନା ଅନ୍ତର୍ଗତ ପଣସଗୁଡାର କରପୁଲ ହରିଜନ । ରାଣିପୁଟର ହରି ହରିଜନ ଏକ ବାଇକରେ ଦେଶି ମଦ ଚାଲାଣ କରୁଥିବା ସୂଚନା ପାଇ ଗୌଡଗୁଡା ଠାରେ ଚଢଉ କରାଯାଇଥିଲା । ଚଢଉ କରି ୨୦ ଲିଟର ଦେଶି ମଦ ସହ ବାଇକ କୁ ଜବତ କରାଯାଇଛି । ସେହିପରି କୁନ୍ଦୁରା ଥାନା ଅନ୍ତର୍ଗତ ପନଶଗୁଡା ଗ୍ରାମର କରପୁଲ ହରିଜନ ଦେଶି ମଦ ଚାଲାଣ କରୁଥିବା ସୂଚନା ପାଇ ବଡଜିଉନା ଗ୍ରାମ ରାସ୍ତାରେ ଚଢଉ କରିଥିଲା । ଚଢଉ କରି ୩୫ ଲିଟର ଦେଶି ମଦ ସହ ବାଇକ କୁ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।

# ଡ଼େଙ୍ଗୁ ଓ ମଶାବାହିତ ରୋଗର ନିୟନ୍ତ୍ରଣ ପାଇଁ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ

ଝାରସୁଗୁଡ଼ା,୭/୦୮ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ 'ରାଷ୍ଟ୍ରୀୟ ଭେକ୍ଟର ବୋର୍ଣ୍ଣ ଡିଜିଜ୍ କଂଟ୍ରୋଲ ପ୍ରୋଗ୍ରାମ' ଅଧୀନରେ ୨୦୨୬-୨୭ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ଆନ୍ତଃ-ବିଭାଗୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଡେଙ୍ଗୁ ଏବଂ ଅନ୍ୟାନ୍ୟ ମଶାବାହିତ ରୋଗର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଓ ପ୍ରତିରୋଧ ପାଇଁ ପ୍ରଶାସନ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲ୍ଲାର ଗତ କେତେକ ବର୍ଷର ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ ୧୪୫୬ ଜଣଙ୍କ ପରୀକ୍ଷାରୁ ୬୮ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨୦୨୫ରେ ୧୦୬୧ ଜଣଙ୍କ ପରୀକ୍ଷାରୁ ୧୬ ଜଣ ପଜିଟିଭ୍ ବାହାରିଥିଲେ। ଚଳିତ ୨୦୨୬ ବର୍ଷରେ ଜୁଲାଇ ମାସ ସୁଦ୍ଧା ୩୨୭ ଜଣଙ୍କର ପରୀକ୍ଷା କରାଯାଇ ମାତ୍ର ୧ ଜଣ ଡ଼େଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି, ଯାହା ସଂକ୍ରମଣ ହ୍ରାସ ପାଇବାର ସୂଚନା ଦେଉଛି। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ସପ୍ତାହର ୪ ଦିନ ସ୍ୱତନ୍ତ୍ର ଭାବେ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ଶିଳ୍ପାଂଚଳ, ଏବଂ ଜନବସତିଗୁଡ଼ିକରେ ସଚେତନତା କାର୍ଯ୍ୟସୂଚୀ ଅନୁଷ୍ଠିତ ହେବ। ବିଶେଷ କରି 'ଡ୍ରାଏ ଡେ' ଭାବେ ପାଳନ କରିବା ସହ ଟାୟାର, ସ୍କ୍ରାପ୍ ଓ ଜଳାଶୟଗୁଡ଼ିକରେ ମଶା ଉତ୍ପତି ସ୍ଥଳ ଚିହ୍ନଟ କରି ନଷ୍ଟ କରିବାକୁ କୁହାଯାଇଛି। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୪ ବେଡ୍ ବିଶିଷ୍ଟ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ପ୍ରସ୍ତୁତ ରହିଛି। ଏହାସହ ଚଳିତ ମୌସୁମୀ ସମୟରେ ପ୍ରତ୍ୟେକ ବେସରକାରୀ ହସ୍ପିଟାଲକୁ ୨ଟି ଲେଖାଏଁ ବେଡ୍ ସଂରକ୍ଷିତ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସହରାଂଚଳରେ ମଶା ବଂଶବୃଦ୍ଧି ରୋକିବା ପାଇଁ ସ୍ୱଚ୍ଛସେବୀଙ୍କୁ ନିୟୋଜିତ କରାଯିବା ସହ ଆଶା କର୍ମୀମାନଙ୍କ ଦ୍ୱାରା ଘରକୁ ଘର ବୁଲି ସଚେତନତା ଓ 'ନିୟମିତ ଅପଡେଟ୍ କରାଯାଉଛି। ଡେଙ୍ଗୁ ପରୀକ୍ଷା ମଧ ମାଗଣାରେ ଉପଲବ୍ଧ ରହିଛି। ଏହି ସମୀକ୍ଷା ବୈଠକରେ ସିଡିଏମଓ ଏବଂ ପିଏଚଓ ଡ. ଶକ୍ତି ପ୍ରସାଦ ପାଢ଼ୀ, ଡିପିଏଚଓ ତଥା ଡିପିଏମ ଡ. ସୁନୀଲ କୁମାର ପଣ୍ଡା, ଭେକ୍ଟର ବୋର୍ଣ୍ଣ ଡିଜିଜ୍ ଆଣ୍ଡ ଲେପ୍ରୋସି ଅଧିକାରୀ ଡ. ରାଧାରମଣ ବିର୍ତିଆ, ଜିଲ୍ଲା ଶିକ୍ଷା ବିଭାଗର ବିଭିନ୍ନ ଅଧିକାରୀ, ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣକେଶୀ ବଳିଆରସିଂହଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଓ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗୋମାତା ସୁରକ୍ଷା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନର ପ୍ରଶଂସନୀୟ ପଦକ୍ଷେପ : ବୁଲା ଗୋରୁଙ୍କୁ ପିନ୍ଧାଗଲା ରାଡିୟମ୍ ବେଲ୍ଟ

ମାଲକାନଗିରି,୭/୦୮ (ନି.ପ୍ର): ସଡ଼କ ଦୁର୍ଘଟଣା ରୋକିବା ଏବଂ ବୁଲା ଗୋରୁମାନଙ୍କ ଜୀବନ ରକ୍ଷା କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ଓ ମହତ୍ୱପୂର୍ଣ୍ଣ ପ୍ରୟାସ ଆରମ୍ଭ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଦୂରଦୃଷ୍ଟିସମ୍ପନ୍ନ ଓ ପ୍ରଶଂସନୀୟ ନେତୃତ୍ୱରେ ଗୋମାତା ସୁରକ୍ଷା ଯୋଜନା ଅଧୀନରେ ଏହି ବିଶେଷ ଅଭିଯାନ ସଫଳତାର ସହ ଚାଲୁ ରହିଛି। ଜିଲ୍ଲା ପ୍ରଶାସନର ଏହି ଜନହିତକର ତଥା ପ୍ରାଣୀ କଲ୍ୟାଣମୂଳକ ପଦକ୍ଷେପକୁ ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ମହଲରେ ବେଶ୍ ଉଚ୍ଚ ପ୍ରଶଂସା କରାଯାଉଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ, ମାଲକାନଗିରି ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ. ତରୁଣ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଏବଂ ମାର୍ଗଦର୍ଶନରେ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ବାଲିମେଳା, ମାଥିଲି ଏବଂ ଖଇରପୁଟ ବ୍ଲକର ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱବର୍ତୀ ଗୋବିନ୍ଦପାଲ୍ଲୀ ଅଂଚଳରେ ରାସ୍ତାରେ ବୁଲୁଥିବା ଗୋରୁମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବେକରେ ଅତ୍ୟଧିକ ଚମକଦାର ରାଡିୟମ୍ ବେଲ୍ଟ ପିନ୍ଧାଯାଇଛି। ଗୋବିନ୍ଦପାଲ୍ଲୀ ଦେଇ ଗତି କରିଥିବା ୩୨୬ ନମ୍ବର ଜାତୀୟ ରାଜପଥ ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାରୁ ଏଠାରେ ରାତ୍ରି ସମୟରେ ଅନ୍ଧାର ଯୋଗୁଁ ବୁଲା ଗୋରୁମାନେ ଗାଡ଼ି ଚାଳକଙ୍କୁ ସହଜରେ ଦୃଶ୍ୟମାନ ହୁଅନ୍ତି ନାହିଁ। ଏହି ରାଡିୟମ୍ ବେଲ୍ଟ ଗୁଡ଼ିକ ଗାଡ଼ିର ଆଲୋକ ପଡ଼ିବା ମାତ୍ରେ ଦୂରରୁ ଚମକିବ, ଯାହା ଗାଡ଼ି ଚାଳକଙ୍କୁ ସତର୍କ କରାଇବ ଏବଂ ଉଭୟ ମଣିଷ ଓ ଗୋମାତାଙ୍କ ଜୀବନ ରକ୍ଷା କରିପାରିବ। ଜିଲ୍ଲାପାଳଙ୍କ ଦିଗଦର୍ଶନ ଏବଂ ସିଡିଭିଓଙ୍କ ନିଷ୍ଠାପର ତତ୍ୱାବଧାନ ଯୋଗୁଁ ଏଆରଡି ଟିମ୍ ଅତି ଦ୍ରୁତ ଗତିରେ ପ୍ରାଥମିକ ପର୍ଯ୍ୟାୟରେ ଏହି କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରିଛନ୍ତି। ଏହି ପ୍ରାରମ୍ଭିକ ସଫଳତା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ଯେ, ଆଗାମୀ ଦିନରେ ଜିଲ୍ଲାର ଅନ୍ୟ ସମସ୍ତ ବ୍ଲକ ଏବଂ ପ୍ରମୁଖ ଜାତୀୟ ରାଜପଥଗୁଡ଼ିକରେ ଥିବା ବୁଲା ଗୋରୁମାନଙ୍କୁ ମଧ ବ୍ୟାପକ ଭାବେ ଏହି ସୁରକ୍ଷା ବେଲ୍ଟ ଲଗାଯିବ। ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଏଭଳି ସମ୍ବେଦନଶୀଳ ଏବଂ ସକ୍ରିୟ ଶାସନ ପ୍ରଣାଳୀ ସମସ୍ତଙ୍କ ପାଇଁ ଏକ ଅଭୁତପୂର୍ବ ଉଦାହରଣ ସୃଷ୍ଟି କରିଛି।

# ବର୍ଷାରେ ବି ରେଙ୍ଗାଳି ବାମ କେନାଲରେ ପାଣି ଆସୁନି: କାର୍ଯ୍ୟାଳୟ ଘେରାଉ ପାଇଁ ଚାଷୀଙ୍କ ଧମକ

ଭୁବନ,୭/୦୮ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ଦେଇ ଯାଇଥିବା ରେଙ୍ଗାଳି ବାମ କେନାଲରେ ଲଗାଣ ବର୍ଷାରେ ବି ପାଣି ଆସୁନି । ଜିରୋ ପଏଂଟରୁ ଆରମ୍ଭ ହୋଇଥିବା ଶାଖା କେନାଲ ଓ ସବ ମାଇନର କେନାଲ ନିୟମିତ ଭାବେ ଘାସ ସଫା ହେଉ ନଥିବାରୁ ଦମଶାଳ ଫାର୍ମ ଠାରୁ ମଠ ଖୋକସା ପର୍ଯ୍ୟନ୍ତ ଅନେକ ସ୍ଥାନରେ ବାଲିଚର ଓ ବ୍ଲକେଜ୍ ହୋଇଯିବା ସହ ବୃକ୍ଷଲତା ମାଡ଼ି ଗଲାଣି ଓ କେନାଲ ଭାଙ୍ଗିରୁଜି ଗଲାଣି। ଫଳରେ ତଳ ମୁଣ୍ଡରେ ପାଣି ପହଂଚି ପାରୁନାହିଁ । ଏଥିପାଇଁ ମଠ ଖୋକସା ଚାଷୀ ମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରତିବର୍ଷ ଘାସ ଚଞ୍ଚା ଓ ମାଟି ଉଠା ବାବଦରେ କାଗଜ କଲମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବାସ୍ତବରେ କିଛି କାର୍ଯ୍ୟ ହେଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଗତ ସପ୍ତାହରେ ଚାଷୀମାନେ ଗଣମାଧ୍ୟମ ଜରିଆରେ ବିଭାଗୀୟ ଉଚ୍ଚ କର୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। କୌଣସି ସୁଫଳ ନମିଳିବାରୁ ଖୋକସା ପାଣି ପଂଚାୟତର ଶତାଧିକ ଚାଷୀଙ୍କ ସ୍ୱାକ୍ଷର ଥିବା ଦାବିପତ୍ରକୁ ଚାଷୀନେତା ବିନୟ କୁମାର ପଟ୍ଟନାୟକ ଓ ନୃସିଂହ ଚରଣ ନାୟକ ରେଙ୍ଗାଳି ବାମ କେନାଲ ବିଭାଜନ ୪ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରଦାନ କରି ଯଥାଶୀଘ୍ର ସମାଧାନ ପାଇଁ ଦାବି କରିଛନ୍ତି । ସମସ୍ୟା ସମାଧାନ ନ ହେଲେଆଗାମୀ ଦିନରେ ଜଳସେଚନ କାର୍ଯ୍ୟକ୍ଷଳୟ ଘେରାଉ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

# ନିଟ ପରୀକ୍ଷାରେ ସଫଳ ବାଲିଆପାଳର ଛାତ୍ର ଶିବଶଙ୍କରଙ୍କୁ ବସ୍ତା ବିଧାୟିକାଙ୍କ ଦ୍ୱାରା ସମ୍ବର୍ଦ୍ଧନା



ବାଲିଆପାଳ, ୭/୮ (ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଅନ୍ତର୍ଗତ ବିଲକୁମ୍ଭାରୀ ଗ୍ରାମର ହରେକୃଷ୍ଣ ପାତ୍ର ଓ ମଞ୍ଜୁଲତା ପାତ୍ର ଙ୍କ ବଡ଼ ପୁଅ ଶିବଶଙ୍କର ପାତ୍ର ଚଳିତ ବର୍ଷର ନିଟ ପ୍ରବେଶିକା ପରୀକ୍ଷାରେ ୭୨୦ ନମ୍ବରରୁ ୬୪୮ ନମ୍ବର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ।ଏହି ଗୌରବମୟ ସଫଳତା ଅବସରରେ ଗୁରୁବାର ତାଙ୍କ ବାସଭବନରେ ପହଞ୍ଚି ଶିବଶଙ୍କରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା । ଶିବଶଙ୍କରଙ୍କୁ ବିଧାୟିକା ଶ୍ରୀମତୀ ଜେନା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପୁଅର ସଫଳତା ପାଇଁ ବାପା ହରେକୃଷ୍ଣ ଓ ମା' ମଞ୍ଜୁଲତାଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ । ଶିବଶଙ୍କରଙ୍କ ଏହି ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ, ବିଲକୁମ୍ଭାରୀ ଗ୍ରାମ, ସମଗ୍ର ବାଲିଆପାଳ ଅଞ୍ଚଳ ଓ ବାଲେଶ୍ୱର ଜିଲ୍ଲା ପାଇଁ ମଧ୍ୟ ଗର୍ବର ବିଷୟ। ତାଙ୍କ କଠିନ ପରିଶ୍ରମ, ନିଷ୍ଠା ଓ ଅଦମ୍ୟ ଇଚ୍ଛାଶକ୍ତି ଏହି ସଫଳତାର ମୂଳ ଆଧାର ବୋଲି ବିଧାୟିକା ଶ୍ରୀମତୀ ଜେନା ମତ ପ୍ରକାଶ କରିଥିଲେ । ମହାପ୍ରଭୁଙ୍କ ନିକଟରେ ଶିବଶଙ୍କରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେ ଜଣେ ସଫଳ ଚିକିତ୍ସକ ହୋଇ ଦେଶ ଓ ସମାଜର ସେବା କରନ୍ତୁ ବୋଲି ବିଧାୟିକା ଶ୍ରୀମତୀ ଜେନା କହିଥିଲେ କ୍ଷବିଧାୟିକାଙ୍କ ସହ ଅନ୍ୟ ମାନଙ୍କ ମଧ୍ୟରେ ଦେଭୋଗ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ଶ୍ରୀରାମପୁର ପଞ୍ଚାୟତ ସରପଞ୍ଚ ଦେବ କୁମାର ଦେ, ୨୧ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ସୁନୀଲ ଜେନା, ୨୨ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ଶିକ୍ଷାବିତ୍ ଯୁଗଳ କିଶୋର ପାତ୍ର, ଯୁବ ନେତା ଜୟ ନାରାୟଣ ଜେନା, ଦୁର୍ଜୟ ନାୟକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ପଞ୍ଚାୟତିରାଜ ମନ୍ତ୍ରୀ

## ଗ୍ରାଉଣ୍ଡ ଜିରୋରୁ ସ୍ଥିତିର ସମୀକ୍ଷା, କ୍ଷୟକ୍ଷତିର ଶୀଘ୍ର ଆକଳନ କରି ପ୍ରଭାବିତଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି



ବୈଶିଙ୍ଗା, ୭/୮ (ନି.ପ୍ର): ଗତକିଛି ଦିନ ପୂର୍ବରୁ ହୋଇଥିବା ଲଗାଣ ବର୍ଷାରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଓ ବଡ଼ସାହି ବ୍ଲକ ଅଞ୍ଚଳରେ ସୃଷ୍ଟି ହୋଇଥିବା ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଅଞ୍ଚଳର ବନ୍ୟା ପରବର୍ତ୍ତୀ ସ୍ଥିତି ଜାଣିବା ପାଇଁ ସ୍ଥଳ ପରିଦର୍ଶନ କରି ଗ୍ରାଉଣ୍ଡ ଜିରୋରୁ ସମୀକ୍ଷା କରିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବିନାରାୟଣ ନାଏକ । ପରିଦର୍ଶନ ଅବସରରେ ସେ ବନ୍ୟା ପ୍ରଭାବିତ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହେବା ସହ ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତିର ଶୀଘ୍ର ଆକଳନ କରି ସରକାରଙ୍କ ପ୍ରଚଳିତ ନିୟମାବଳୀ ଅନୁଯାୟୀ ତୁରନ୍ତ ସହାୟତା ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ପରିଦର୍ଶନ ସମୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ଇଂ ଗଣେଶରାମ ସିଂ ଖୁଣ୍ଟିଆ, ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରଭାବିତ ଅଞ୍ଚଳକୁ ପରିଦର୍ଶନ କରିଥିଲେ । ପ୍ରଥମେ ମନ୍ତ୍ରୀ ବେତନଟୀ ବ୍ଲକର ପାଟଳିପୁରା ଗ୍ରାମପଞ୍ଚାୟତ ଅଧୀନ କାଠପାଳ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କର ସମସ୍ୟା, ଆବଶ୍ୟକତା ଓ ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ଅବଗତ ହେବା ସହ ବୁଢ଼ାବଳଙ୍ଗ ନଦୀରେ ଥିବା ନାଖରା ପୋଲ ନିକଟରେ ବନ୍ୟାର ପ୍ରଭାବ, କ୍ଷତିଗ୍ରସ୍ତ ରାସ୍ତାଘାଟ ଓ ଘରବାଡ଼ିର ସ୍ଥିତିକୁ ଅନୁଧ୍ୟାନ କରିଥିଲେ । ଭବିଷ୍ୟତରେ ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନଦୀର ଉଭୟ ପାର୍ଶ୍ୱରେ ସୁଦୃଢ଼ ତଟବନ୍ଧ ନିର୍ମାଣ ସମ୍ଭାବନା ଉପରେ ବିଚାର କରି ଆବଶ୍ୟକ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ମନ୍ତ୍ରୀ ବଡ଼ସାହି ବ୍ଲକର ମାଣତ୍ରୀ ଅଞ୍ଚଳରେ ଗଙ୍ଗାହାର ନଦୀ ଉପରେ ଥିବା ବିତନୁ ପୋଲ ନିକଟବର୍ତ୍ତୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ସେଠାରେ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଫସଲର ସ୍ଥିତି ସମ୍ପର୍କରେ ଅବଗତ ହେବା ସହ କୃଷକମାନଙ୍କ ସହ ଆଲୋଚନା କରିଥିଲେ । କ୍ଷୟକ୍ଷତିର ସଠିକ୍ ଆକଳନ କରି ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ପ୍ରଚଳିତ ନିୟମାବଳୀ ଅନୁଯାୟୀ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ବିଭିନ୍ନ ଚାଷଜମିରେ ବନ୍ୟା ଜଳର ସ୍ଥାୟୀ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ସ୍ଥାନରେ କଲଭର୍ଟ ନିର୍ମାଣ, ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ଏବଂ ବୈଷୟିକ ସର୍ଭେ କରି ପ୍ରସ୍ତାବ ପ୍ରସ୍ତୁତ କରିବାକୁ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ପରିଦର୍ଶନ ଅବସରରେ ମନ୍ତ୍ରୀ ବଡ଼ସାହି ବ୍ଲକର ଭିମଦା ଓ ପାଟିସାରି ପଞ୍ଚାୟତର ବିଭିନ୍ନ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରି ସ୍ଥିତିର ବ୍ୟାପକ ସମୀକ୍ଷା କରିଥିଲେ । ଏହି ସମୟରେ ସେ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିବା ସହ ରିଲିଫ୍, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ବିଦ୍ୟୁତ ଏବଂ ଯୋଗାଯୋଗ ବ୍ୟବସ୍ଥାର ପୁନଃସ୍ଥାପନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ସେହିପରି ବନ୍ୟା ପ୍ରଭାବିତ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ 'ବସୁଧା' ଯୋଜନା ଅଧୀନରେ ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ମଧ୍ୟ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଗସ୍ତ ସମୟରେ ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକାରୀ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତାପସ କୁମାର ମହାନ୍ତ, ବଡ଼ସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ବଡ଼ସାହି ବ୍ଲକ ଉନ୍ନୟନ ଅଧିକାରୀ ବନଜା ଦାସ, ବେତନଟୀ ବ୍ଲକ ଉନ୍ନୟନ ଅଧିକାରୀ ମୁନା ସେଠୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରାଜ୍ୟ ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡର ପ୍ରଥମ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୭/୮ (ନି.ପ୍ର): ଓଡ଼ିଶା ରାଜ୍ୟ ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡର ପ୍ରଥମ ବୈଠକ ଗଣଶିକ୍ଷା ତଥା ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟର ସୁରକ୍ଷା, ଅଧିକାର, ସାମାଜିକ ନ୍ୟାୟ, ସମ୍ମାନଜନକ ଜୀବନଯାପନ ଓ ସମାନ ସୁଯୋଗକୁ ସୁନିଶ୍ଚିତ କରିବା। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ବୈଠକରେ ଟ୍ରାନ୍ସଜେଣ୍ଡରମାନଙ୍କ ପାଇଁ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହେବା ସହିତ ଆଗାମୀ ଦିନରେ ସେମାନଙ୍କ ସୁବିଧା ସୁଯୋଗ ପାଇଁ ଅନେକ ବିଷୟକୁ ନେଇ ମତାମତ ଗ୍ରହଣ କରାଯାଇଛି। ବର୍ତ୍ତମାନ ସମୟରେ ଯେଉଁସବୁ କାର୍ଯ୍ୟ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯିବା ସହିତ ଗୃହୀତ ପ୍ରସ୍ତାବଗୁଡ଼ିକ ଉପରେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆମେ ପ୍ରସ୍ତୁତ ଅଛୁ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନାରାୟଣ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୭/୮ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ନାରାୟଣ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ପୁରୁଣାବଜାର, ଭଦ୍ରକ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟର ଶିକ୍ଷକ ମୁସ୍ତାକ ଅଲି ଖାନ ମଞ୍ଚ ସଂଚାଳନା କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଗଣଙ୍କ ମଧ୍ୟରେ ଶିଶୁ ସୁରକ୍ଷା ବିଭାଗର ଶିଶୁ ଆଇନ ଅଧିକାରୀ ସୁବ୍ରତ କୁମାର ଦାସ, ପ୍ରତିପକ୍ଷ ସହଯୋଗୀ ( ଏଲ ଏ ଡିସି) ବହ୍ନିଶିଖା ବିଶ୍ୱାଳ, ଭଦ୍ରକ ନିଶା ନିବାରଣ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ନାୟକ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ, ନିତ୍ୟାନନ୍ଦ ରାଉତ ତଥା ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଗଣ ଏବଂ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ସୁନ୍ଦର ସମାଜ ଗଠନ କରିବା ଦିଗରେ କୋମଳ ମତି ଛାତ୍ର ଛାତ୍ରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତେଣୁ ସେମାନେ ମାଦକ ଦ୍ରବ୍ୟ ପରି ନିଶା ଠାରୁ ନିଜକୁ ଦୂରରେ ରଖି ସୁ ଭବିଷ୍ୟତ ଗଠନ ନିମନ୍ତେ ଚେଷ୍ଟିତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ମାନବ ଚାଲାଣ ଆଇନ (ଦାଦନ) ଏବଂ ଯୌନ ଅପରାଧ ଏବଂ ଶିଶୁ ସୁରକ୍ଷା ଆଇନ, ନିଶାଦ୍ରବ୍ୟର ଅପବ୍ୟବହାର ଏବଂ ଏହାର ନିରାକରଣ ଆଇନ, ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ, ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଶାଖା କେସ୍ ଉପରେ ଆଧାରିତ ନିର୍ଦ୍ଦେଶାବଳୀ ପ୍ରଭୃତି ବିଷୟରେ ଉପସ୍ଥିତ ଅତିଥିଗଣ ଆଲୋକପାତ କରିଥିଲେ। ବିଦ୍ୟାଳୟରେ ଥିବା ଆଇନଗତ ସାକ୍ଷରତା କ୍ଲବର ସଦସ୍ୟମାନଙ୍କୁ ମଧ୍ୟ ଉଦବୋଧନ ଦେଇ ଅତିଥିମାନେ କହିଥିଲେ ଯେ ସ୍କୁଲରେ ପ୍ରତିଷ୍ଠିତ ହୋଇଥିବା ଆଇନଗତ ସାକ୍ଷରତା କ୍ଲବ୍ ଛାତ୍ରଛାତ୍ରୀମାନଙ୍କୁ ମୌଳିକ ଅଧିକାର ଏବଂ ନାଗରିକର ମୌଳିକ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରିବା ଉଚିତ । ଏହି କ୍ଲବ ମଧ୍ୟ ସାମାଜିକ କୁସଂସ୍କାର ବିରୁଦ୍ଧରେ ସଚେତନତା ସୃଷ୍ଟି କରେ ଏବଂ ଛାତ୍ରଛାତ୍ରୀ ମାନଙ୍କ ଦାୟିତ୍ୱପୂର୍ଣ୍ଣ ଆଚରଣକୁ ମଧ୍ୟ ଉତ୍ସାହିତ କରେ। ଏଥିସହିତ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀମାନଙ୍କୁ ବାର୍ତ୍ତା ଦିଆଯାଇଥିଲା ଯେ ଏକ ଉନ୍ନତ ସାମାଜିକ ଜୀବନ ଗଠନ ପାଇଁ, ଛାତ୍ରଛାତ୍ରୀମାନେ ସକ୍ରିୟ ଭାବରେ ନିଜର ସମୟକୁ ଭଲ ଭାବରେ ପରିଚାଳନା କରନ୍ତୁ, ଉତ୍ତମ ସାମାଜିକ ଜୀବନ ଗଠନ କରନ୍ତୁ।

# ଘର ପ୍ରତିଷ୍ଠା ଭୋଜି ଖାଇ ୨୦୦ରୁ ଉର୍ଦ୍ଧ୍ୱ ଜଣ ଝାଡାବାନ୍ତିରେ ଆକ୍ରାନ୍ତ: ୫୦ରୁ ଉର୍ଦ୍ଧ୍ୱ ଗୁରୁତର

ଜଳେଶ୍ୱର, ୭/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ବର୍ଦ୍ଧନା ପଞ୍ଚାୟତ ଖରିଦା ଗ୍ରାମରେ ବିଜୟ କୁମାର ମାହାନ୍ତି ଙ୍କ ଘର ପ୍ରତିଷ୍ଠା ଉତ୍ସବ ଭୋଜି ଖାଇ ୨୦୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି ।ସେମାନଙ୍କ ମଧ୍ୟରୁ ୫୦ରୁ ଅଧିକ ଲୋକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଆକ୍ରାନ୍ତଙ୍କ ମଧ୍ୟରେ ୧୫ ରୁ ଅଧିକ ୧୪ ବର୍ଷରୁ କମ ବୟସର ପିଲା ମାନେ ରହିଥିବା ସୂଚନା ମିଳିଛି ।ସୂଚନାରୁ ପ୍ରକାଶ ଯେ ୫ ତାରିଖ ବୁଧବାର ସନ୍ଧ୍ୟା ରେ ଖରିଦା ଗ୍ରାମର ବିଜୟ ମହାନ୍ତିଙ୍କ ନୂତନ ଘର ପ୍ରତିଷ୍ଠା ଉପଲକ୍ଷେ ସଂଧ୍ୟାରେ ଏକ ଭୋଜିର ଆୟୋଜନ କରା ଯାଇଥିଲା ।୪ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଭୋଜି ଖାଇଥିଲେ ।ତେବେ ୬ ତାରିଖ ମଧ୍ୟାହ୍ନ ୧୨ ଟା ପରେ ଜଣକ ପରେ ଜଣେ ଲୋକଙ୍କର ବାନ୍ତି, ଝାଡ଼ା, ଜ୍ୱର, ପେଟ ବ୍ୟଥା, ମୁଣ୍ଡ ବିନ୍ଧା ଆରମ୍ଭ ହୋଇଥିଲା ।ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତୁରନ୍ତ ସେମାନଙ୍କୁ ଜଳେଶ୍ୱର ସ୍ଥିତ ଜି.କେ.ଭଟ୍ଟର ହସ୍ପିଟାଲକୁ ନେଇଥିଲେ ।ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ତୁରନ୍ତ ଚିକିତ୍ସା ଆରମ୍ଭ କରିଥିବା ବେଳେ ଗୁରୁତର ରୋଗୀଙ୍କୁ ସାଲାଇନ ଓ ଆବଶ୍ୟକ ଔଷଧ ଦିଆଯାଉଛି । ତେବେ ଅବସ୍ଥା ଅତି ଜଟିଳ ପରିସ୍ଥିତି ସୃଷ୍ଟି ହେବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡ଼ାକ୍ତର ଅରୁପ ଅଭିଷେକ, ହାତିଗଡ ହସ୍ପିଟାଲ ର ମେଡିକାଲ ଅଫିସର ଡାକ୍ତର ଭୀଷ୍ମ ପରିଡ଼ା, ଜଳେଶ୍ୱର ହସ୍ପିଟାଲର ମେଡିକାଲ ଅଫିସର ଡାକ୍ତର ଦିଲ୍ଲୀପ କୁମାର ପାତ୍ର, ଡ଼ାକ୍ତର ବିନୋଦ କୁମାର ପ୍ରଧାନ, ଡ଼ାକ୍ତର ମନୋଜ ଜାହାଙ୍ଗୀର ଙ୍କ ସହ ଅମର ପ୍ରଧାନ, ସୁଦୀପ୍ତ କର, ପୁଷ୍ପାଞ୍ଜଳୀ ଘଡ଼େଇ, ଶସ୍ମିତା ଜେନା, ନନ୍ଦିନୀ ପ୍ରଧାନଙ୍କ ସହ ସମସ୍ତ କର୍ମଚାରୀ ରାତିସାରା ଅନିଦ୍ରା ରହି ଚିକିତ୍ସା କରିଥିଲେ ।ତେବେ ସେଥି ମଧ୍ୟରୁ ୧୦ ରୁ ଉର୍ଦ୍ଧ ରୋଗୀଙ୍କୁ ବାଲେଶ୍ୱର ମେଡିକାଲ କଲେଜ କୁ ସ୍ଥାନାନ୍ତରିତ କରାଯାଇଛି । ବିଜେପି ନେତା କାଳୀଚରଣ ଦାସ, ଫାଲଗୁନି ପାଣିଗ୍ରାହୀ, ରାଜେଶ ଖଟୁଆ, କାଉନ୍ସିଲର୍ ଶିବ ନାରାୟଣ ମହାପାତ୍ର, କଂଗ୍ରେସ ନେତା ରାଜିବ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଗାଁ ରେ ମଧ୍ୟ ଏକ ମେଡିକାଲ ଟିମ ଚିକିତ୍ସା ଆରମ୍ଭ କରିବା ସହ ସ୍ଥିତି ର ଅନୁଧ୍ୟାନ କରୁଛନ୍ତି ।ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ମଧ୍ୟ ହସ୍ପିଟାଲ ସହ ଗାଁ କୁ ଯାଇ ସମସ୍ତ ପ୍ରକାର ର ସ୍ଥିତି ଉପରେ ନଜର ରଖି ଡାକ୍ତର ମାନଙ୍କ ସହ ପ୍ରତି ମୁହୂର୍ତ୍ତରେ ଆଲୋଚନା ଜାରି ରଖିଛନ୍ତି। ତେବେ ପ୍ରାଥମିକ ଭାବେ ଫୁଡ୍ ପଏଜନିଂ ଯୋଗୁଁ ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପୁଞ୍ଜି ଗୋଟାଇବାକୁ ଦିଲ୍ଲୀରେ...

ଯାହାଫଳରେ ଓଡ଼ିଶାରେ ୩୧ ହଜାର ୬୪୮ କୋଟି ଟଙ୍କାର ନିବେଶ ହେବାକୁ ଯାଉଛି । ଖାଦ୍ୟ ପ୍ରକ୍ରିୟାକରଣ, ପାନୀୟ ପ୍ରକ୍ରିୟାକରଣ, କୃଷିଜାତ ଦ୍ରବ୍ୟ ପ୍ରକ୍ରିୟାକରଣ, କୋଲ୍ଡ ଚେନ୍, ଲଜିଷ୍ଟିକ୍ସ ଓ ପ୍ୟାକେଜିଂ ଆଦି କ୍ଷେତ୍ରରେ ଏହି କଂପାନୀ ଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠା ହେଲେ ୪୨ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗତବର୍ଷ ଜାନୁଆରୀରେ ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରେ, ଓଡ଼ିଶାକୁ ପ୍ରତି ସପ୍ତାହରେ କିଛି ନା କିଛି ନିବେଶ ଆସୁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଏମ୍ଓୟୁ ଜରିଆରେ ୨୦ ଲକ୍ଷ କୋଟିରୁ ଅଧିକ ନିବେଶ ଆସିଲାଣି, ୧୦ ଲକ୍ଷ କୋଟିକୁ ଅନୁମୋଦନ ମିଳିଲାଣି । ଓଡ଼ିଶାର ୩୦ ଜିଲ୍ଲାରୁ ୨୯ ଜିଲ୍ଲାରେ ଉଦ୍ୟୋଗ ସ୍ଥାପନ ହୋଇଛି । ଏହାର କେନ୍ଦ୍ରରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ରହିଛି ବୋଲି କହିଛନ୍ତି ସିଏମ୍ । ନିତି ଆୟୋଗର ନିବେଶ ଅନୁକୂଳ ରାଜ୍ୟ ସୂଚକାଙ୍କରେ ଟପ୍-୫ରେ ଓଡ଼ିଶା ସ୍ଥାନ ପାଇବାର ଶ୍ରେୟ ନିବେଶକଙ୍କୁ ଦେଇଛନ୍ତି ମୋହନ ମାଝୀ । ଓଡ଼ିଶାରେ ମାନୁଫାକ୍ଚରିଂ ତୁଳନାରେ ଫୁଡ୍ ପ୍ରୋସେସିଂ ସେକ୍ଟର କିଭଳି ଦ୍ରୁତ ଗତିରେ ଆଗେଇ ଚାଲିଛି, ତାହା ଉଲ୍ଲେଖ କରିଛନ୍ତି ଶିଳ୍ପମନ୍ତ୍ରୀ । ଓଡ଼ିଶା ଫୁଡ୍ ପ୍ରୋ-୨୦୨୬ ଅବସରରେ ବିଭିନ୍ନ ଖ୍ୟାତନାମା କଂପାନୀ ପ୍ରତିନିଧି, ଉଦ୍ୟୋଗୀ ତଥା ନିବେଶକଙ୍କ ସହ ଜି-ଟୁ-ବି ବା ଗଭମେଣ୍ଟ ଟୁ ବିଜନେସ୍ ବୈଠକ ମଧ୍ୟ କରିଛନ୍ତି ମୁଖ୍ୟମନ୍ତ୍ରୀ ।

## ଇନ୍ସ୍ୟୁରାନ୍ସ ନାହିଁ ତ ପେଟ୍ରୋଲ୍ ...

ଦୁର୍ଘଟଣା ସମୟରେ ପୀଡ଼ିତଙ୍କୁ କ୍ଷତିପୂରଣ ଦେବା ପାଇଁ ଏହା ଅତ୍ୟନ୍ତ ଜରୁରୀ । ତେଣୁ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରିପାରନ୍ତି । ପୂର୍ବରୁ 'ନୋ ପଲ୍ୟୁସନ, ନୋ ସାର୍ଟିଫିକେଟ୍' ନିୟମ ଲାଗୁ ହେବା ସମୟରେ ସାରା ରାଜ୍ୟରେ ଏକ ହଇଚଇ ସୃଷ୍ଟି ହୋଇଥିଲା । ଲୋକମାନେ ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଧାଡ଼ି ଲଗାଇଥିଲେ। ମନ୍ତ୍ରୀ କହିଛନ୍ତି ଯେ, ସରକାରଙ୍କ ଲକ୍ଷ୍ୟ କେବଳ ଜରିମାନା ଆଦାୟ କରିବା କିମ୍ବା ଲୋକଙ୍କୁ ଦଣ୍ଡ ଦେବା ନୁହେଁ। ବରଂ ଲୋକମାନେ ଯେପରି ନିୟମ ମାନି ସୁରକ୍ଷିତ ଭାବେ ଗାଡ଼ି ଚଳାଇବେ, ତାହା ହିଁ ମୁଖ୍ୟ ପ୍ରାଥମିକତା। ଏବେ ଟୋଲ ଗେଟ୍ ମାନଙ୍କରେ ବୈଦ୍ୟୁତିକ ବ୍ୟବସ୍ଥା ଜରିଆରେ ଗାଡ଼ିର ଇନ୍ସୁରାନ୍ସ ଯାଞ୍ଚ କରାଯାଇ ଅନଲାଇନ୍ ଚାଲାଣ କଟାଯାଉଛି । ଯେଉଁମାନେ ବାରମ୍ବାର ଚେତାବନୀ ସତ୍ତ୍ୱେ ବୀମା କରୁନାହାନ୍ତି, ସେମାନଙ୍କ ଗାଡ଼ିକୁ ସିଜ୍ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସଡ଼କ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏହା ଆମ ସମସ୍ତଙ୍କର କର୍ତ୍ତବ୍ୟ। ପେଟ୍ରୋଲ ପମ୍ପରେ ଅପମାନିତ ହେବା କିମ୍ବା ଗାଡ଼ି ଜବତ ହେବାର ଭୟରେ ନୁହେଁ, ବରଂ ନିଜର ଏବଂ ନିଜ ପରିବାରର ସୁରକ୍ଷିତ ଭବିଷ୍ୟତ ପାଇଁ ଗାଡ଼ିର ଇନ୍ସୁରାନ୍ସ ଅପଡେଟ୍ ରଖିବା ଜରୁରୀ। ତେଣୁ, ଯଦି ଆପଣଙ୍କ ଗାଡ଼ିର ବୀମା ଅବଧି ସରିଯାଇଛି, ତେବେ ଡେରି ନକରି ଆଜି ହିଁ ଏହାକୁ ନବୀକରଣ କରନ୍ତୁ!

## ତୁର୍କୀ-ପାକିସ୍ତାନ-ସାଉଦି ...

ଦେଶ ତାହାକୁ ନିଜ ଉପରେ ଆକ୍ରମଣ ଭାବି ସୈନ୍ୟ ଓ ସାମରିକ ସହାୟତା ଯୋଗାଇଦେବେ । ଏଥିସହ ତୁର୍କୀର ଆଧୁନିକ ଡ୍ରୋନ୍ ଓ ଅସ୍ତ୍ରଶସ୍ତ୍ର ପ୍ରଯୁକ୍ତିବିଦ୍ୟା, ପାକିସ୍ତାନର ସୈନ୍ୟ ବଳ ଓ ପରମାଣୁ କ୍ଷମତା ଏବଂ ସାଉଦି ଆରବର ଆର୍ଥିକ ଶକ୍ତିକୁ ଏକାଠି କରି ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ଲକ୍ଷ୍ୟ ରଖାଯାଇଛି । ଆତଙ୍କବାଦ ନିରୋଧୀ ଅଭିଯାନ ଏବଂ ସୀମା ସୁରକ୍ଷା ପାଇଁ ତିନି ଦେଶ ମଧ୍ୟରେ ପ୍ରତ୍ୟକ୍ଷ ଗୋଇନ୍ଦା ତଥ୍ୟ ବିନିମୟ ହେବ । ତିନି ଦେଶର ସେନା, ନୌସେନା ଓ ବାୟୁସେନା ମଧ୍ୟରେ ନିୟମିତ ଭାବେ ମିଳିତ ସାମରିକ ଅଭ୍ୟାସ କରାଯିବ ।

## ବହୁଚର୍ଚ୍ଚିତ ବୋଫୋର୍ସ ...

ଅଭିଯୁକ୍ତଙ୍କୁ ମାମଲା ରୁଜୁ କରିବା ପାଇଁ ଏପରି ପ୍ରମାଣ ଯୋଗ୍ୟ ନଥିବା ଦଲିଲ ଉପରେ ନିର୍ଭର କରିବା ସାଧାରଣ ଲୋକଙ୍କ ସମୟ ଓ ଅର୍ଥ ନଷ୍ଟ କରିବା ସହିତ ବିଚାରର ସମ୍ମୁଖୀନ ହେଉଥିବା ଲୋକଙ୍କ ପ୍ରତି ଅନ୍ୟାୟ ହେବ। ରାୟରେ ସିବିଆଇ ତଦନ୍ତର ମଧ୍ୟ କଡ଼ା ସମାଲୋଚନା କରାଯାଇଛି। ଏହା ସରକାରୀ ରାଜକୋଷକୁ ପ୍ରାୟ ୨୫୦ କୋଟି ଟଙ୍କା କ୍ଷତି ପହଞ୍ଚାଇଥିଲା । ଏହି ରାୟ ପରେ ହିନ୍ଦୁଜା ଭାଇମାନେ ମାମଲାରୁ ମୁକ୍ତ ହୋଇଛନ୍ତି ଓ ସେମାନଙ୍କର ଜାମିନ ବଣ୍ଡ ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ସକ୍ରିୟ ଘୂର୍ଣ୍ଣିବଳୟ ଯୋଗୁ ରାଜ୍ୟରେ...

ବିଭାଗ ଅନୁଯାୟୀ, ଅଗଷ୍ଟ ୧୨ ସୁଦ୍ଧା ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି, ଯାହା ଉତ୍ତର ଏବଂ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବୃଷ୍ଟିପାତର ତୀବ୍ରତା ବୃଦ୍ଧି କରିପାରେ ।ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି ଯେ ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ଗାଙ୍ଗେୟ ପଶ୍ଚିମବଙ୍ଗ ଉପକୂଳରେ ଏକ ଉପର ବାୟୁ ଘୂର୍ଣ୍ଣିବଳୟ ସଞ୍ଚାଳନ ଜାରି ରହିଛି। ଏହା ବ୍ୟତୀତ, ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଚାରିପାଖରେ ଆଉ ଏକ ସଞ୍ଚାଳନ ମଧ୍ୟ ସକ୍ରିୟ ରହିଛି, ଯାହା ରାଜ୍ୟର ପାଣିପାଗକୁ ପ୍ରଭାବିତ କରୁଛି ।ଏହି ପ୍ରଣାଳୀର ପ୍ରଭାବରେ ଓଡ଼ିଶାରେ ବ୍ୟାପକ ହାଲୁକା ରୁ ମଧ୍ୟମ ବର୍ଷା ହେବ ଏବଂ କେତେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ମୟୂରଭଞ୍ଜ ସମେତ କେତେକ ଜିଲ୍ଲାରେ ଅଧିକ ବର୍ଷା ହୋଇପାରେ ।ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପ୍ରବଳ ପବନ ସହିତ ବଜ୍ରପାତ ହେବାର ଚେତାବନୀ ଦେଇଛି ପାଣିପାଗ କାର୍ଯ୍ୟାଳୟ। ଖରାପ ପାଗ ସମୟରେ ସତର୍କ ରହିବାକୁ ଏବଂ ସ୍ଥାନୀୟ ପାଣିପାଗ ସତର୍କ ସୂଚନା ପାଳନ କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି।

# ଓପିସିସିକୁ ରିଲିଫ୍ ସହାୟତା ପ୍ରଦାନ କଲେ ନିରଞ୍ଜନ

ଭୁବନେଶ୍ୱର, ୭/୮ (ନି.ପ୍ର): ଚଳିତ ବର୍ଷ ବନ୍ୟା ଦ୍ୱାରା ରାଜ୍ୟର ୮ଟି ଜିଲ୍ଲା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, କଟକ ଏବଂ କେଉଁଝର ପ୍ରଭାବିତ ହୋଇଥିବା ବେଳେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ସାଧାରଣ ଜନତା ।ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ପିସିସି ରିଲିଫ୍ ପରିଚାଳନା କମିଟି ଗଠନ କରି କଂଗ୍ରେସ ନେତୃବୃନ୍ଦଙ୍କୁ ସାହାଯ୍ୟ ସହଯୋଗ ପାଇଁ କରିଥିବା ଆହ୍ୱାନରେ ପୂର୍ବତନ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିକୁ ପ୍ରଦାନ କରିଛନ୍ତି। ଏହି ଅବସରରେ ନିରଞ୍ଜନ ପଟ୍ଟନାୟକଙ୍କ ପକ୍ଷରୁ ନବଜ୍ୟୋତି ପଟ୍ଟନାୟକ କଂଗ୍ରେସ ଭବନରେ ରିଲିଫ୍ ପରିଚାଳନା କମିଟିର ଅଧ୍ୟକ୍ଷ ଦେବାଶିଷ, ସହ ଅଧ୍ୟକ୍ଷ ତଥା ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ଏବଂ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଏକ ୫ ଲକ୍ଷ ଟଙ୍କାର ଚେକ୍ ରିଲିଫ୍ ତଦାରଖ କମିଟିର ଅଧ୍ୟକ୍ଷ ତଥା ବାସୁଦେବପୁର ବିଧାୟକ ଅଶୋକ ଦାସଙ୍କୁ ପ୍ରଦାନ କରିଛନ୍ତି। ଶ୍ରୀ ପଟ୍ଟନାୟକ ଏହି ଅବସରରେ କହିଛନ୍ତି, ଦୁର୍ଦ୍ଦିନ ସମୟରେ କଂଗ୍ରେସ ସାଧାରଣ ଜନତାଙ୍କ ସହ ରହିଆସିଛି, ରହୁଛି ଏବଂ ଆଗକୁ ମଧ୍ୟ ରହିବ। ସେ ଆହୁରି କହିଛନ୍ତି ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ପାଖରେ କିପରି ରିଲିଫ ସାମଗ୍ରୀ ପହଂଚି ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ଏବଂ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଓ ଶୁଭେଚ୍ଛୁଙ୍କୁ ଅନୁରୂପ ସାହାଯ୍ୟ ସହଯୋଗର ହାତ ବଢେଇବାକୁ ନିବେଦନ କରିଛନ୍ତି।

# ଧୂମ୍‌ଧାମରେ ଜନ୍ମଦିନ ପାଳିଲେ ନୀଳଗିରି ବିଧାୟକ

- ରକ୍ତଦେଲେ, ଗଛ ନେଲେ ସମର୍ଥକ
- ୪ଟି କେନ୍ଦ୍ରରୁ ୧୭୦୧ ୟୁନିଟ୍ ରକ୍ତ ସଂଗ୍ରହ



ନୀଳଗିରି, ୭/୮ (ନି.ପ୍ର): ନୀଳଗିରି ସନ୍ତୋଷ ଖଟୁଆ ଫ୍ୟାନ କ୍ଲବ ପକ୍ଷରୁ ତରଫରୁ ବିଧାୟକ ଶ୍ରୀ ସନ୍ତୋଷ ଖାଟୁଆଙ୍କ ୫୮ ତମ ଜନ୍ମଦିନ ଅବସରରେ ନୀଳଗିରି ଡାକ ବଙ୍ଗଳା ପରିସରରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ଡାକ ବଙ୍ଗଳାସ୍ଥିତ ମୁଖ୍ୟ ଶିବିରକୁ ସଦର ବିଧାୟକ ମାନସ କୁମାର ଦତ୍ତ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ଜନ୍ମଦିବସ ଉପଲକ୍ଷେ କେବଳ ନୀଳଗିରି ଡାକବଙ୍ଗଳା, ସନ୍ତରାଗର୍ଡ଼ିଆ କଲେଜ, ଔପଦା ଡିଗ୍ରୀ କଲେଜ ଏବଂ ବାହାନଗାର ଭେନସ୍ କଲେଜ ପରିସରରେ ମୋଟ ଚାରିଗୋଟି ଶିବିର ଅନୁଷ୍ଠିତ ହୋଇଥିଲା ।ମୋଟ ଚାରିଗୋଟି ଶିବିରରୁ ମୋଟ ୧୭୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା, ସନ୍ତୋଷ ଖଟୁଆ ଫ୍ୟାନ କ୍ଲବର ସଦସ୍ୟବୃନ୍ଦ ଏବଂ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆୟୋଜକଙ୍କ ତରଫରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଇଛି ।ରକ୍ତ ପ୍ରଦାନ ସମୟରେ ଶ୍ରୀ ଖଟୁଆ ଜଣେ ଦିବ୍ୟାଙ୍ଗ ରକ୍ତଦାତା ରକ୍ତ ପ୍ରଦାନ କରୁଥିବାର ଦେଖି ଭାବବିହ୍ୱଳ ହୋଇଥିଲେ ।ନିଜେ ଉକ୍ତ ରକ୍ତଦାତାଙ୍କୁ ଟେକି ହ୍ୱିଲ ଚେୟାରରେ ବସାଇ ନେବା ସହ ଫୁଲ ତୋଡା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ବିଦ୍ୟାଳୟ ନଯାଇ ଘରେ ରହୁଛନ୍ତି 'ପୂଜା', 'ଅଭି' ଓ 'ବେବି'

ଉଦଳା , ୭/୮ (ନି.ପ୍ର):ବିଦ୍ୟାଳୟ ଖାତାରେ ପିଲାଙ୍କ ନାମ ଗଡ଼ିଚାଲିଥିବା ଓ ଆଦୌ ପିଲାମାନେ ବିଦ୍ୟାଳୟ ଆସୁନଥିବାର ଦୃଶ୍ୟ ସମଗ୍ର କପ୍ତିପଦା ଉପଖଣ୍ଡ ମଧରେ ବହୁଳ ଭାବରେ ଦେଖିବାକୁ ମିଳୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହିଭଳି ବହୁବନ୍ଧ ପଂଚାୟତର ଅସୁରଖାଲ ଗ୍ରାମର ବାସିନ୍ଦା ବୁଧିଆ ପାତ୍ରଙ୍କର ୧୧ ବର୍ଷ ବୟସର କନ୍ୟା 'ପୂଜା' ଓ ୮ ବର୍ଷ ବୟସର ପୁତ୍ର 'ଅଭି'ଙ୍କ ସମେତ ମଙ୍ଗଲ ପାତ୍ରଙ୍କର ୬ବର୍ଷ ବୟସର କନ୍ୟା 'ବେବି' ଦିର୍ଘ ବର୍ଷ ଧରି ଆଦୌ ବିଦ୍ୟାଳୟ ଯାଉନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଗୋଧିମରା ପ୍ରାଥମିକ ବିଦ୍ୟାଳୟରେ ଏହି ପିଲାମାନେ ନାମ ଲେଖାଇଥିବାର କଥା କହିଛନ୍ତି । ବିଦ୍ୟାଳୟ ଦୂରରେ ଥିବାରୁ ଜଙ୍ଗଲ ପାରି ହୋଇ ନିୟମିତ ଯିବା ଆସିବା ପିଲାଙ୍କ ପକ୍ଷେ ସମ୍ଭବ ହେଉନାହିଁ । ତେଣୁ ଏହି ପିଲାମାନେ ଆଦୌ ବିଦ୍ୟାଳୟ ଯାଉନଥିବାର ଅଭିଭାବକ ଜଣାଇଛନ୍ତି । ଦିର୍ଘ ବର୍ଷ ଧରି ଅନୁପସ୍ଥିତ ଥିବା ଏହି ପିଲାଙ୍କ ନାମ ବିଦ୍ୟାଳୟ ଖାତାରେ ଗଡ଼ିଚାଲିଛି କି କଟିଯାଇଛି ତାହା ପରିବାର ଲୋକଙ୍କୁ ଜଣାନଥିବାର କଥା ସେମାନେ କହିଛନ୍ତି । ଅନୁପସ୍ଥିତ ଏହି ପିଲାମାନଙ୍କୁ ବିଦ୍ୟାଳୟ ତରଫରୁ ଥରଟିଏ ବି ଖୋଜା ପଡ଼ିନାହିଁ ବୋଲି ଅବିଭାବକ କହିଛନ୍ତି । ତାଛଡ଼ା ଏହି ୩ଜଣ ଯାକ ପିଲାଙ୍କର ଆଧାର କାର୍ଡ଼ ମଧ ନାହିଁ । ଫଳରେ ସରକାର ଖାଦ୍ୟ ଯୋଜନାରେ ଯୋଗାଇ ଦେଉଥିବା ମୁଣ୍ଡପିଛା ୫କିଗ୍ର ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଆଧାର ପାଇଁ ବାରମ୍ବାର ଫଟୋ ଉଠାଇଥିଲେ ମଧ କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କହିଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ଦୁଇ ପରିବାରର ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଛାସେବି ଅନୁରୋଧ ଜଣାଇଛନ୍ତି ।

# ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର: ୭୧ ୟୁନିଟ ରକ୍ତ ସଂଗ୍ରହ



ବସ୍ତା , ୭/୮ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ କଟି ପୋଲ ସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପରେ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁ ଷ୍ଠିତ ହୋଇଛି । ବନ୍ୟା ପରିସ୍ଥିତି ଯୋଗୁଁ ରକ୍ତଭଣ୍ଡାରରେ ଦେଖା ଦେଇଥିବା ରକ୍ତ ଅଭାବକୁ ଦୂର କରିବା ଉଦ୍ଦେଶ୍ୟରେ ଛାତ୍ରନେତା ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଏବଂ ବସ୍ତା ବ୍ଲକ ସଭାପତି ତଥା ନିର୍ବାଚନ ମଣ୍ଡଳୀ ସଂଯୋଜକ ମହାଦେବ ଦାସଙ୍କ ତତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସଭା ପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପସଭାପତି ରଘୁନାଥ ମହାନ୍ତି, ବ୍ଲକ ଉପସଭାପତି ଦିଲ୍ଲୀପ ଦାସ ମହାପାତ୍ର, ବାଲିଆପାଳ ବ୍ଲକ ସଭାପତି ଭଗବାନ ଗିରି ଏବଂ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଶିବିରର ଉଦ୍ଘାଟନ କରିଥିଲେ । ଅତିଥି ମାନେ ରକ୍ତଦାତାଙ୍କୁ ଉତ୍ସା ହିତ କରିବା ସହ ରକ୍ତଦାନର ମହତ୍ତ୍ୱ ଓ ସାମାଜିକ ଆବଶ୍ୟ କତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ଓ ସ୍ୱେଚ୍ଛାସେବୀ ଉତ୍ସା ହର ସହ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଦେବେନ୍ଦ୍ର ବେହେରା,ପୂର୍ଣ୍ଣଚନ୍ଦ୍ର ଜେନା, ପରମେଶ୍ୱର ବାରିକ,ଶିବା ନନ୍ଦ ଦାସ ଅଧିକାରୀ,ରାଜେଶ କୁମାର ଗିରି, ଶରତ ପ୍ରଧାନ, ଅଖିଳ ବେହେରା, ଚିତ୍ତରଞ୍ଜନ ଜେନା, ମନ୍ମଥ ଚକ୍ରବର୍ତ୍ତୀ, ଗୋପାଳକୃଷ୍ଣ ମହାନ୍ତି, ଅରୁଣ ଦାସ, ଦେବେନ୍ଦ୍ର ନାୟକ, ସଞ୍ଜୟ ବୁଗୁଡ଼ି, ସେକ ନସ ର ଅଲ୍ଲୀ, କାର୍ତ୍ତିକ ସାହୁ, ରାଜକିଶୋର ପ୍ରଧାନ, ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରନେତା ରାଜକିଶୋର ବେହେରା, ପାର୍ଥସାରଥୀ ସାହୁ, ରାଜେଶ ବେହେରା, ଗୋପାଳଚନ୍ଦ୍ର ମହାନ୍ତି, ଶୁଭମ ନାୟକ, ଆୟୁଷ ପ୍ରଧାନ, ଜଗବନ୍ଧୁ ବାଡ଼ି, ଉମାକାନ୍ତ ଦାସ, ଶିବ ବାଡ଼ି, ବିନୋଦ ବିଶ୍ୱାଳ, ସୁବ୍ରତ ବାଗ, ବିଭାସ ନାୟକ, ମିଥୁନ କୁମାର ବେହେରା ଓ ଭବଶଙ୍କର ମୁଖୀ ପ୍ରମୁଖ କାର୍ଯ୍ୟକ୍ରମ ପରି ଚାଳନା କରିଥିଲେ।ଶିବିରରେ ମୋଟ ୭୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଏହି ସାମାଜିକ ପଦକ୍ଷେପକୁ ସମସ୍ତ ମହଲରୁ ପ୍ରଶଂସା କରାଯାଇଛି।

# ପିଏମ୍‌ଶ୍ରୀ ଜେଏନ୍‌ଭି ଗୁରୁଜଙ୍ଗରେ ଆଞ୍ଚଳିକସ୍ତରୀୟ ବକ୍ସିଂ ଚୟନ ପ୍ରତିଯୋଗିତା ଉଦ୍‌ଘାଟିତ



ଖୋର୍ଦ୍ଧା, ୭/୮ (ନି.ପ୍ର): ନବୋଦୟ ବିଦ୍ୟାଳୟ ସମିତି, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ତତ୍ତ୍ୱାବଧାନରେ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ଗୁରୁଜଙ୍ଗ, ଖୋର୍ଦ୍ଧାଠାରେ ଆଜି ଆଞ୍ଚଳିକ ସ୍ତରୀୟ ବକ୍ସିଂ ଚୟନ ପ୍ରତିଯୋଗିତା ଔପଚାରିକ ଭାବେ ଉଦ୍‌ଘାଟିତ ହୋଇଛି । ଏହି ପ୍ରତିଯୋଗିତା ୫ ଓ ୬ ଅଗଷ୍ଟ ୨୦୨୬ ଦୁଇଦିନ ଧରି ଅନୁଷ୍ଠିତ ହେବ। ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ୧୬ଟି ଜବାହର ନବୋଦୟ ବିଦ୍ୟାଳୟରୁ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗୀ ଏବଂ ୨୦ ଜଣ ଏସ୍‌କର୍ଟ ଶିକ୍ଷକ ଏହି ବକ୍ସିଂ ମିଟ୍‌ରେ ଯୋଗଦେଇଛନ୍ତି । ବାଳକ ଓ ବାଳିକା ବିଭାଗର ବିଭିନ୍ନ ଓଜନ ଶ୍ରେଣୀରେ ପ୍ରତିଯୋଗିତା ଆୟୋଜିତ ହେଉଥିବାବେଳେ ଖେଳାଳିମାନେ ଉଚ୍ଚମାନର କ୍ରୀଡ଼ାନୈପୁଣ୍ୟ, ଶୃଙ୍ଖଳା ଓ କ୍ରୀଡ଼ାସୁଳଭ ମନୋଭାବର ପରିଚୟ ଦେଇଛନ୍ତି। ପ୍ରତିଯୋଗିତାଟି ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ଗୁରୁଜଙ୍ଗର ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ନୃସିଂହ ଚରଣ ଚକ୍ରଙ୍କ ଉପସ୍ଥିତିରେ ଆୟୋଜିତ ହୋଇଛି। ଉଦ୍‌ଘାଟନୀ ଅବସରରେ ସେ କହିଥିଲେ ଯେ, ନବୋଦୟ ବିଦ୍ୟାଳୟ ସମିତି ସର୍ବଦା ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶକୁ ପ୍ରାଧାନ୍ୟ ଦେଇଆସୁଛି ଏବଂ କ୍ରୀଡ଼ା କ୍ଷେତ୍ରରେ ଏପରି ଆଞ୍ଚଳିକ ପ୍ରତିଯୋଗିତାମାନେ ଜାତୀୟ ସ୍ତରର ପ୍ରତିଭା ସୃଷ୍ଟିରେ ସହାୟକ ହେବ। ପ୍ରତିଯୋଗିତାରେ ଅଂଶ ଗ୍ରହଣକାରୀ ଖେଳାଳିମାନେ ରିଙ୍ଗ୍‌ରେ ନିଜର କୌଶଳ, ଶାରୀରିକ ସାମର୍ଥ୍ୟ ଓ ମାନସିକ ଦୃଢ଼ତାର ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ଆୟୋଜନର ସୁଚାରୁ ପରିଚାଳନା ପାଇଁ ବିଦ୍ୟାଳୟର କ୍ରୀଡ଼ା ବିଭାଗ, ଶିକ୍ଷକମଣ୍ଡଳୀ ଓ କର୍ମଚାରୀମାନେ ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଆଞ୍ଚଳିକ ସ୍ତରୀୟ ଚୟନ ପ୍ରତିଯୋଗିତାରୁ ଚୟନିତ ଖେଳାଳିମାନେ ଆଗାମୀ ଜାତୀୟ ସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହା ନବୋଦୟ ବିଦ୍ୟାଳୟମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିର ପ୍ରସାର ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାତୀୟ ଏକତା ଓ ପାରସ୍ପରିକ ସହଯୋଗର ଭାବନାକୁ ଆହୁରି ସୁଦୃଢ଼ କରିବ ବୋଲି କ୍ରୀଡ଼ାମହଲରେ ମତ ପ୍ରକାଶ ପାଇଛି।

# ଶତାଧିକ କର୍ମୀ ଅନ୍ୟଦଳ ଛାଡ଼ି ବିଜେଡିରେ ଯୋଗଦେଲେ



ନୀଳଗିରି, ୭/୮ (ନି.ପ୍ର): ଆଜି ନୀଳଗିରି ବିଜେଡି କାର୍ଯ୍ୟାଳୟରେ ନୀଳଗିରି ଏନଏସି ୮ ନମ୍ବର , ୧୧ ନମ୍ବର ଓ ୧୨ ନମ୍ବର ୱାର୍ଡ ରୁ ଶତାଧିକ ଅନ୍ୟ ଦଳର କର୍ମୀ ଜନପ୍ରିୟ ନେତା ନବୀନ ପଟ୍ଟନାୟକ ଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ଦଳ ଛାଡି ବିଜେଡି ଦଳ ରେ ସାମିଲ ହୋଇଛନ୍ତି । ତେବେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେପି କୁ ଉପଯୁକ୍ତ ଜବାବ ଦିଆଯିବ ବୋଲି କର୍ମୀ ମାନେ କହିଥିଲେ। ବିଜେଡ଼ି ନେତା ମହେଶ୍ୱର ରାଉତ, ମହେଶ୍ୱର ଗୋଛାୟତ, ଶ୍ୟାମସୁନ୍ଦର ନାୟକ ଅନିମା ରାଉତ, ସୌମ୍ୟରଞ୍ଜନ ନାୟକ ଙ୍କ ନେତୃତ୍ୱରେ ନୀଳଗିରି ବିଜ୍ଞାପିତ ଅଞ୍ଚଳର ବିଜେଡି ଅଧିକ ସଶକ୍ତ ହେଲା ବୋଲି ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ କହିଛନ୍ତି । ଏହି ମିଶ୍ରଣ ପର୍ବରେ ଏନଏସି ସଭାପତି ଅଚ୍ୟୁତ ପ୍ରଧାନ, ବରିଷ୍ଠ ବିଜେଡ଼ି ନେତା ଗଙ୍ଗାଧର ମିଶ୍ର,ଯୁବ ନେତା ବୁଦ୍ଧଦେବ ସରକାର ଓ ବରିଷ୍ଠ ନେତା ସୁନୀଲ ପ୍ରଧାନ ଉପସ୍ଥିତ ଥିଲେ।

# ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ଜିଲ୍ଲାସ୍ତରୀୟ ଉଚ୍ଚ ବିଦ୍ୟାଳୟସ୍ତରରେ ମୂକ ଓ ଏକକ ଅଭିନୟ, ନୃତ୍ୟ, ମଂଚ ସଂଚାଳନା ପ୍ରତିଯୋଗିତା

ବାରିପଦା, ୭/୮ (ନି.ପ୍ର): ମୟୁରଭଞ୍ଜର ଅଗ୍ରଣୀ ନାଟ୍ୟସଂସ୍ଥା 'ଆମେ : ବାରିପଦା' ଦ୍ୱାରା ଆୟୋଜିତ ହବାକୁ ଥିବା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ସ୍ଥାନୀୟ ଦାରଗାଡାହିସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଉଚ୍ଚ ବିଦ୍ୟାଳୟସ୍ତରରେ ମୂକ ଅଭିନୟ, ଏକକ ଅଭିନୟ , ନୃତ୍ୟ ଓ ମଂଚ ସଂଚାଳନା ପ୍ରତିଯୋଗିତାମାନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଭବ୍ୟ ଦିବସକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୌମ୍ୟ ଦାଶ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ପ୍ରତିଯୋଗିତାର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ ଜାତୀୟ ନାଟ୍ୟ ମହୋତ୍ସବର ଆବାହକ ତଥା ଆମେ : ବାରିପଦାର ସାଧାରଣ ସମ୍ପାଦକ ବିଶିଷ୍ଟ ଅଭିନେତା , ନାଟ୍ୟକାର ଓ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଚିନ୍ମୟ ଦାସ ପଟ୍ଟନାୟକ । ବିଚାରକ ମଣ୍ଡଳୀର ଆସନ ଅଳଙ୍କୃତ କରିଥିଲେ ସର୍ବଶ୍ରୀ ଜୟନ୍ତ ସେନାପତି ,ଡକ୍ଟର ପ୍ରକାଶ ଚନ୍ଦ୍ର ଦାଶ , ପ୍ରୟାସ ଶତପଥୀ , ପ୍ରଦୀପ ସରଘରିଆ, ସାଗରିକା ଦାସ , ରଜନୀ ବାରିକ , ସୁଧାମୟୀ ଦାସ , ଅନୁବାଳା ମହାନ୍ତି ଓ ଲିଟନ ପଟ୍ଟନାୟକ । ରାଜୀବ ପାତ୍ର ଓ ଅକ୍ଷୟ ପଣ୍ଡା ମଂଚ ପରିଚାଳନା କରିଥିବା ବେଳେ ସୁଜୟ ମହାନ୍ତି , ଉର୍ଜା ମହାନ୍ତି , କାକଲୀ ନନ୍ଦୀ , କ୍ରିଷ୍ଣା ସେଜପଡା , ଜ୍ୟୋତି ଓ ହିମାଂଶୁ ସହଯୋଗୀ ଥିଲେ । ବିଜେତା ମାନଙ୍କର ନାମ ଜାତୀୟ ନାଟ୍ୟ ମହୋତ୍ସବ ର ଅନ୍ତିମ ରଜନୀରେ ଘୋଷଣା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ମିଡିଆ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଛନ୍ତି।

# ଗୋରୁ ଭର୍ତ୍ତି ସ୍କର୍ପିଓ ଜବତ: ଡ୍ରାଇଭର ଫେରାର

ବସ୍ତା , ୭/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ପୋଲିସ ଏକ ଗୋରୁ ଭର୍ତ୍ତି ସ୍କର୍ପିଓ ଗାଡ଼ିକୁ ଜବତ କରିଛି। ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ୧୬ ନମ୍ବର ଜାତୀୟ ରାଜପଥ ଥର ନାଇକୁଡ଼ି ଛକ ନିକଟରେ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଦ୍ରୁତ ଗତିରେ ଯାଉଥିବା ଏକ ସ୍କର୍ପିଓ ଗାଡ଼ି ଉପରେ ସନ୍ଦେହ କରି ଅଟକାଇବାକୁ ଚେଷ୍ଟା କରିଥିଲା।ପୋଲିସ କୁ ଦେଖି ଗାଡ଼ି ଚାଳକ ସ୍କର୍ପିଓକୁ ଛାଡ଼ି ଘଟଣା ସ୍ଥଳରୁ ଦୌଡ଼ି ପଳାଇ ଯାଇଥିଲେ। ପରେ ପୋଲିସ ଗାଡ଼ିଟିକୁ ଜବତ କରି ଥାନା କୁ ଆଣି ଯାଞ୍ଚ କରିବା ବେଳେ ସେଥିରୁ ୪ଟି ଗୋରୁଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ଗୋରୁ ମାନଙ୍କୁ ଆବଶ୍ୟକ ଚିକିତ୍ସା ଓ ଯତ୍ନ ପାଇଁ ବ୍ୟବସ୍ଥା କରାଯାଇ ଥିବାବେଳେ, ଫେରାର ଡ୍ରାଇଭରଙ୍କୁ ଧରିବା ପାଇଁ ବସ୍ତା ପୋଲିସ ତଦନ୍ତ ଜାରି ରଖିଛି।

# ମେଘାସନ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

## କଲେଜ ଜୀବନର ପ୍ରଥମ ଦିନ, ମନେରହିଥିବ ସବୁ ଦିନ : ପ୍ରଫେସର ପ୍ରମୋଦ




ଉଦଳା, ୭/୮ (ନି.ପ୍ର): ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟରେ ଚଳିତ ବର୍ଷ ନୂଆକରି ନାମ ଲେଖାଇଥିବା +୨ ଓ +୩ର ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ଉଦେଶ୍ୟରେ ଚଳିତ ଅଗଷ୍ଟ ୬ ତାରିଖ ଗୁରୁବାର ଦିନ ଏକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନଙ୍କ ସହିତ ଅବିଭାବକ ମାନେ ମଧ ଉପସ୍ଥିତ ଥିଲେ । କଲେଜ ଜୀବନର ପ୍ରଥମ ଦିନ ଓ ନୂଆ ସହପାଠୀଙ୍କ ମେଳ ଛାତ୍ର ଛାତ୍ରୀ ମାନଙ୍କ ମହଲରେ ଏକ ଭିନ୍ନ ସ୍ୱାଦର ଉତ୍ସାହ ଖେଳାଇ ଦେଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ରାଉତ ଉତ୍ସବରେ ଅଧକ୍ଷତା କରି କଲେଜ ଜୀବନର ପ୍ରଥମ ଦିନଟି କିପରି ସାରା ଜୀବନ ଭୁଲି ହୁଏ ନାହିଁ ବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ଼. ନିରଂଜନ ପାଠୀ ପାଠ ପଢ଼ା ସହିତ ଜାତୀୟ ସେବା ଯୋଜନା, ସମର ଶିକ୍ଷାର୍ଥି ବାହିନି, ରେଡ଼କ୍ରସ, ଭାରତ ସ୍କାଉଟ ଏଣ୍ଡ ଗାଇଡ଼ ଇତ୍ୟାଦିରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଆଇସିସି ସଭାପତି ଅଧାପିକା ଡ଼. ଶୁଭଦର୍ଶନି ମହାନ୍ତି ଏବଂ ଶକ୍ତିଶ୍ରୀ ସଂଯୋଜିକା ଅଧାପିକା ସ୍ୱାତି ସୁଚରିତା ପଣ୍ଡା ମହାବିଦ୍ୟାଳୟର ପରିବେଶ, ନିୟମ, ଶୃଙ୍ଖଳା ବିଷୟରେ ଅବଗତ କରାଇଥିଲେ । ଅଧାପକ ସରେଜ କୁମାର ମହାନ୍ତି ଓ ଅଧାପକ ବୃନ୍ଦାବନ ମହାନ୍ତି ମହାବିଦ୍ୟାଳୟରେ ବର୍ଷସାରା ପାଳିତ ହେବାକୁ ଥିବା ବିଭିନ୍ନ ଉତ୍ସବ ସଂପର୍କରେ ଜଣାଇବା ସହ ଧମ ଧାମରେ ଏଗୁଡ଼ିକୁ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅଧାପିକା ଡ଼. ସାଗରିକା ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପିକା ଲୋପାମୁଦ୍ରା ପ୍ରଧାନ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ଅଗଷ୍ଟ ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୭/୮ (ନି.ପ୍ର): ଆସନ୍ତା ସୋମବାର ଅଗଷ୍ଟ ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ 'ଜନ ଅଭିଯୋଗ ଶୁଣାଣି' ବନ୍ଦରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦିଆଯାଇଛି ।

# କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ଭେଟିଲେ କନ୍ଧମାଳ ସାଂସଦ

ଭୁବନେଶ୍ୱର, ୭/୮ (ନି.ପ୍ର): କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଶୁକ୍ରବାର ଦିନ ନୂଆଦିଲ୍ଲୀରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ କରି କନ୍ଧମାଳ ସଂସଦୀୟ କ୍ଷେତ୍ରର ଜନଜାତି ସମାଜର ସର୍ବାଙ୍ଗୀନ ବିକାଶ ଦିଗରେ ବିସ୍ତୃତ ଆଲୋଚନା କରିଛନ୍ତି। ଜିଲ୍ଲାର ଜନଜାତି ଅଧ୍ୟୁଷିତ ଅଂଚଳଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ସୁବିଧା ତଥା ଜୀବିକା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଉପଯୁକ୍ତ କାର୍ଯ୍ୟାନ୍ୱୟନ ସମ୍ପର୍କରେ ମନ୍ତ୍ରୀଙ୍କ ସହ ଆଲୋଚନା ହେଲା।

# ସ୍ୱାମୀଙ୍କୁ ଖୋଜିବାକୁ ଯାଇ ମରଣାତ୍ମକ ଆକ୍ରମଣରେ ଶିକାର ହେଲେ ସ୍ତ୍ରୀ

## ଏସପି ପାଖରେ ନ୍ୟାୟ ଭିକ୍ଷା କଲେ ଦମ୍ପତି



ବାଲିଆପାଳ, ୭/୮ (ନି.ପ୍ର): ବାଲିଆପାଳ ବ୍ଲକ ଅଁଳାଡିହା ଗ୍ରାମର ପବିତ୍ରା ପାତ୍ର ଗତ ରବିବାର ତାଙ୍କ ସ୍ୱାମୀ ବିକର୍ତ୍ତନ ପାତ୍ରଙ୍କ ପୁଅ ପାଇଁ ଖାଇବା ଆଣିବା ଉଦ୍ଦେଶ୍ୟରେ ଦୋକାନକୁ ପଠେଇଥିଲେ । ମାତ୍ର ବହୁତ ବିଳମ୍ବ ହେବାରୁ ପାଖରେ ଥିବା ପନ୍ଥା ଛକ ନିକଟକୁ ସ୍ୱାମୀଙ୍କୁ ଖୋଜିବା ପାଇଁ ଯାଇଥିଲେ। ସେଠାରେ ବିକର୍ତ୍ତନ ଏବଂ ସେହି ଗ୍ରାମର ଯୁବକ ରଞ୍ଜନ ଜେନା ବସି ଛକ ଉପରେ ମଦ୍ୟ ପାନ କରୁଥିବା ଦେଖି ପବିତ୍ରା ସ୍ୱାମୀଙ୍କୁ ଗାଳିଗୁଲଜ କରିଥିଲେ। ସେହି କଥାରେ ଉତ୍ୟକ୍ତ ହୋଇ ରଞ୍ଜନ ପବିତ୍ରା ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର କରି ତାଙ୍କୁ ତଳେ ପକାଇ ପେଟକୁ ଗୋଇଠା ମାରୁଥିବା ଦେଖି ସ୍ୱାମୀ ବିରୋଧ କରିଥିଲେ। ପାଟି ତୁଣ୍ଡ ଶୁଣିପାରି ସେଠାରେ ବିକର୍ତ୍ତନଙ୍କ ସମ୍ପର୍କୀୟ ଲକ୍ଷ୍ମୀଧର ଜେନା, ରମେଶ ଜେନା, ଶକ୍ତିଧର ଜେନା ପହଞ୍ଚି ସ୍ୱାମୀ, ସ୍ତ୍ରୀ ଉଭୟଙ୍କୁ ସଂଘ ବଦ୍ଧ ଭାବେ ମାଡ ମାରିବା ସହିତ କାନଫୁଲ,ବେକରୁ ସୁନାଚେନ୍ ଏବଂ ତାଙ୍କ ସ୍ୱାମୀଙ୍କ ପକେଟ୍‌ରୁ ପାଞ୍ଚ ହଜାର ଟଙ୍କା ନେଇ ପଳାଇ ଯାଇଥିଲେ। ପବିତ୍ରା ସେହି ଜାଗାରୁ ଅଚେତ ଅବସ୍ଥାରେ ପ୍ରଥମେ ପ୍ରତାପପୁର ପରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ରେଫର ହୋଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଅଧିକ ଗୁରୁତର ହେବା ପରେ ରେମୁଣା ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି। ଏନେଇ ରବିବାର ବିକର୍ତ୍ତନ ପ୍ରଥମେ ଜାମ କୁଣ୍ଡା ଫାଣ୍ଡି ପରେ ପବିତ୍ରା ଟିକେ ସୁସ୍ଥ ହେବା ପରେ ବୁଧବାର ବାଲେଶ୍ୱର ଏସପିଙ୍କୁ ନ୍ୟାୟ ଭିକ୍ଷା କରିଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ପବିତ୍ରା ବାଲିଆପାଳ ଥାନାରେ ବିନା ଦୋଷରେ ତାଙ୍କୁ ମାଡ଼ ମାରିଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
MUST BE QUALIFIED IN CET ENTRANCE
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida